## ଖିଚିଂର କୁଟାଇତୁଣ୍ଡି ମନ୍ଦିର ଅବହେଳିତ

# ବିଜୁଳି ସଂଯୋଗ ହୋଇନି କି ବିଶ୍ରାମ ଘର ନାହିଁ



ଖିଚିଂ, ୧୬ା୩(ସମିସ): ମୟୂରଭଞ୍ଜର ପ୍ରାଚୀନତମ ନାମ ଥିଲା ଖିଜିଙ୍ଗ ମଣ୍ଡଳ ଏବଂ ତାହାର ରାଜଧାନୀ ଥିଲା ଖିଜିଙ୍ଗକୋଟ ବା ଆଧୁନିକ ଖିଚିଂ। ଦୀର୍ଘ ପାଞ୍ଚଶହ ବର୍ଷ ବ୍ୟାପୀ ଭଞ୍ଜ ରାଜତ୍ୱର ମୂକସାକ୍ଷୀ ଏହି ପୁରାଣ ଓ ଇତିହାସ ପ୍ରସିଦ୍ଧ ପବିତ୍ର ପୀଠରେ ବିଭିନ୍ନ ସମୟରେ ରାଜକୀୟ ପୃଷ୍ଠପୋଷାକତା ଲାଭ କରି ବୌଦ୍ଧ, ଜୈନ, ଶୈବ ଶାକ୍ତ, ଗାଣପତ୍ୟ, ନାଗ, ସୌର, ବୈଷ୍ଣବ ପ୍ରଭୃତି ଧର୍ମଧାରା ବିକଶିତ ହୋଇଥିଲା। ମନ୍ଦିରମାଳିନୀ ନଗରୀ ଭାବେ ସୁଖ୍ୟାତ ଖିଚିଂରେ ୬୦ଟି ମନ୍ଦିର ଓ ପ୍ରାଚୀନ କୀର୍ତ୍ତିରାଜି ବିଦ୍ୟମାନ ଥିଲା ବୋଲି ଐତିହାସିକ ତଥ୍ୟରୁ ପ୍ରମାଣ ମିଳେ। ଦ୍ୱାଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀରେ କଳଚୁରୀ ରାଜା ରତ୍ନଦେବଙ୍କ ସେନାପତି ପୁରୁଷୋତ୍ତମ ଏବଂ ଦିଲ୍ଲୀ ସୁଲତାନ ଫିରୋଜ ଶାହା ତୋଗଲକଙ୍କ ଆକ୍ରମଣ ଫଳରେ ଖିଚିଂର ଅପୂର୍ବ କୀର୍ତ୍ତିମାନ ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା। ଫଳରେ ଭଞ୍ଜ ରାଜାମାନେ ପ୍ରାୟ ଖ୍ରୀ:୧୪୦୦ରେ ଖିଚିଂରୁ ହରିପୁରଗଡ଼କୁ ରାଜଧାନୀ ସ୍ଥାନାନ୍ତର କରିଥିଲେ। ଗଭୀର ଅରଣ୍ୟ ବେଷ୍ଟିତ ମନୋରମ ଖିଚିଂ ବିସ୍ମୃତିର ଅନ୍ଧକାରରେ ଆଚ୍ଛାଦିତ ହୋଇ ଶହ ଶହ ବର୍ଷ ରହିବା ପରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଙ୍କ ରାଜତ୍ୱକାଳରେ କୀଚକେଶ୍ୱରୀଙ୍କ ସମେତ ଚନ୍ଦ୍ରଶେଖର ଓ କୁଟାଇତୁଣ୍ଡି ମନ୍ଦିରର ପୁନଃନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ବର୍ତ୍ତମାନ ମନ୍ଦିର ବେଢ଼ାରେ ଭଞ୍ଜ ରାଜବଂଶର ଆରାଧ୍ୟ ଦେବୀ କୀଚକେଶ୍ୱରୀ ଏବଂ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ବିଦ୍ୟମାନ। ଏହାର ପୂର୍ବ ଦିଗର ଅନତିଦୂରରେ ନବମ ଶତାବ୍ଦୀରେ ନିର୍ମିତ ସର୍ବପ୍ରାଚୀନ ସ୍ମାରକୀ କୁଟାଇତୁଣ୍ଡି ମନ୍ଦିର ଅବସ୍ଥିତ। ମହାମୃତ୍ୟୁଞ୍ଜୟଙ୍କ ଶିବଲିଙ୍ଗ ଅଦ୍ୟାବଧି ଏଠାରେ ପୂଜିତ ହେଉଛି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ମନ୍ଦିରଟି ଖ୍ରୀ: ୧୯୩୧-୩୨ରେ ପୁନଃନିର୍ମିତ ହୋଇଛି। ଏହା ନାଗର ଶୈଳୀରେ ନିର୍ମିତ ଏବଂ ମୁଖଶାଳା ବିହୀନ। ସମସ୍ତ ଦେବାଦେବୀ ମନ୍ଦିର ସାଧାରଣତଃ ପୂର୍ବାଭିମୁଖୀ ହେବା ଶିଳ୍ପ ଶାସ୍ତ୍ରାନୁମୋଦିତ ହୋଇଥିବା ସ୍ଥଳେ କୁଟାଇତୁଣ୍ଡି ମନ୍ଦିର ପଶ୍ଚିମାଭିମୁଖୀ ହୋଇ ନିର୍ମିତ ହୋଇଛି। ମନ୍ଦିରର ଅଗ୍ରଭାଗରେ ତ୍ରିଶୂଳ ପରିବର୍ତ୍ତେ ଆକାଶ ଲିଙ୍ଗ ରହିଛି। ନିହାଣ ମୁନରେ ମନ୍ଦିର ଗାତ୍ରରେ ଖୋଦିତ କେତେକ ଅଶ୍ଳୀଳ ଚିତ୍ର, ପୌରାଣିକ ଗାଥା ଓ ସୂକ୍ଷ୍ମ କାରୁକାର୍ଯ୍ୟର ପ୍ରତିମା ଆଜି ମଧ୍ୟ ଦର୍ଶକଙ୍କୁ ବିସ୍ମୟାଭିମୁଖ ଓ ବିମୁଗ୍ଧ କରିଥାଏ। ତେବେ ଏହି ମନ୍ଦିରର ବିଶେଷତ୍ୱ ସମ୍ପର୍କରେ ମୁଖ୍ୟ ପୁରୋହିତ ଧବଳେଶ୍ୱର ପାଣିଗ୍ରାହୀ କହନ୍ତି ଯେ, ଏହି ଶିବଲିଙ୍ଗରେ ଭକ୍ତି ପୂର୍ବକ ପୂଜାର୍ଚ୍ଚନା କଲେ ସମସ୍ତ ଗ୍ରହ ପୀଡା ନାଶ ହୋଇଥାଏ ଏବଂ ଶ୍ରଦ୍ଧାଳୁର ମନସ୍କାମନା ପୂରଣ ହୋଇଥାଏ। ହେଲେ ଦୁଃଖର ବିଷୟ ଯେ, ଏହି ମନ୍ଦିରକୁ ଆଜିଯାଏ ବିଜୁଳି ସଂଯୋଗ ହୋଇ ପାରିନାହିଁ କି ଶ୍ରଦ୍ଧାଳୁଙ୍କ ପାଇଁ ବିଶ୍ରାମ ମଣ୍ଡପଟିଏ ନାହିଁ। ସମ୍ପୂର୍ଣ୍ଣଭାବେ ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଏହି ଗୌରବାବହ ପ୍ରାଚୀନ କୀର୍ତ୍ତିସ୍ଥଳୀର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ପୃଥକ ସ୍ଥାନରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି



କଳାବାଡ଼ିଆ, ୧୬ା୩(ସମିସ): ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବାରୁ ଲୋକଙ୍କ ଚିନ୍ତାର କାରଣ ହୋଇଛି। ହାଣଦା ଗ୍ରାମର ଶିକ୍ଷକ ପବିତ୍ରମୋହନ ଗିରି ଓ ରବୀନ୍ଦ୍ର କୁମାର ପଣ୍ଡାଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଉଭୟ ପରିବାର ତଳକୋଠାରେ ଜିନିଷ ପତ୍ର ରଖି ଉପର ଘରେ ରହୁଥିଲେ। ତଳଘରୁ ପବିତ୍ର ମୋହନ ଗିରିଙ୍କ ୫୦ ହଜାର, ରବୀନ୍ଦ୍ର କୁମାର ପଣ୍ଡାଙ୍କ ଘରୁ ୭୦ହଜାର ଓ ନିଜ ପୁଅର ବ୍ରତଘରେ ଥିବା ସୁନା ଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ସାମ୍ବାଦିକ ପ୍ରୀତିଶ ମହାନ୍ତଙ୍କ ଘରେ ମଧ୍ୟ ଚୋରି କରିବା ପାଇଁ ତାଲା ଭାଙ୍ଗିଥିବା ଜଣାପଡ଼ିଛି। ସେହିପରି ଗୁରୁବାର ରାତିରେ ପୁଣି ଚୋରି ବୁଡାମରା ଛକ ନିକଟ ଆଶିଷ ସାହୁ ଘରେ ନ ଥିବାବେଳେ ରାତିରେ ଝରକା ତାଡି ଘରୁ ୨ ଲକ୍ଷ ୧୦ ହଜାର ସହିତ ୨ ହଳ କାନଫୁଲ, ଗୋଟିଏ ସୁନା ମୁଦି ଚୋରି ହୋଇ ଥିବା ଥାନା ରେ ଅଭିଯୋଗ ହୋଇଛି। ପୁଲିସ ସହିତ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ କରିଛନ୍ତି। ପାଟ୍ରୋଲିଂ ପାଇଁ ଜନସାଧାରଣ ତରଫରୁ ଦାବି ହୋଇଛି। ପୁଲିସ ତଦନ୍ତ କରୁଛି ବହୁ ଶିଘ୍ର ଚୋର ଧରାପଡ଼ିବେ ବୋଲି ଥାନା ଅଧିକାରୀ ରୋଜାଲିନ ବେହେରା କହିଛନ୍ତି।

## ତାରିଣୀ ପାଣି ପଞ୍ଚାୟତକୁ ରଦ୍ଦ କରିବାକୁ ଦାବି

ପଦ୍ମପୁର, ୧୬ା୯(ସମିସ): ପଦ୍ମପୁର ଉପଖଣ୍ଡ ପୁରୋନା ମା' ତାରିଣୀ ପାଣି ପଞ୍ଚାୟତ ଗଠନ କରାଯାଇଛି। ଗ୍ରାମବାସୀଙ୍କ କୌଣସି ମତାମତ ନ ନେଇ ତାହା କରାଯାଇ ନ ଥିବାରୁ ଗ୍ରାମରେ ଏକ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି। କ୍ଷୁଦ୍ର ଜଳସେଚନ ଯୋଜନାର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଲିଖିତ ଭାବରେ ଜଣାଇଛନ୍ତି। କେତେକ ମୁଷ୍ଟିମେୟ, ଖଳ ପ୍ରକୃତିର ଲୋକଙ୍କୁ ନେଇ ତାହା ଗଠନ କରାଯାଇଛି। ଉକ୍ତ କମିଟିକୁ ରଦ୍ଦ କରିବାକୁ ଗ୍ରାମବାସୀ ତରଫରୁ ଦେବରାଜ ସାହୁ, ଚିତ୍ତରଞ୍ଜନ ପଣ୍ଡା, ଡମ୍ବରୁଧର ସାହୁ, ଯୋଗେଶ୍ୱର ବୁଡେକ, ରବିରାମ ହରିଜନ ପ୍ରମୁଖ ଦାବି କରିଛନ୍ତି।

## ବହଳଦାରେ ଜ୍ୟୋତି ରଥକୁ ଭବ୍ୟ ସ୍ୱାଗତ




ବହଳଦା, ୧୬ା୩ (ସମିସ) : ମୟୂରଭଞ୍ଜର ଅବଲୁପ୍ତ ଇତିହାସ, ଗୌରବମୟ କଳା, ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ଆଉ ସଚେତନତା ପାଇଁ ନିରବଚ୍ଛିନ୍ନ ଉଦ୍ୟମ କରୁଥିବା ବଳାଙ୍ଗୀ ମହୋତ୍ସବ ପକ୍ଷରୁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଜ୍ୟୋତିରଥ ବହଳଦା ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଥମେ ସମସ୍ତେ ଆରାଧ୍ୟ ଦେବୀ ମା' କୀଚକେଶ୍ୱରୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଅମିୟକୁମାର ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବଳାଙ୍ଗୀ ମହୋତ୍ସବର ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ସମ୍ପାଦକ ସାମ୍ବାଦିକ ଦୀପକ ନାୟକ, ଅଧ୍ୟାପକ କୁମାରେଶ ନାୟକ, ସାମ୍ବାଦିକ ଅଶୋକ ରାଉତ, ସାମାଜିକ କର୍ମୀ ଅତନୁ କୁମାର ମହାନ୍ତି ପ୍ରମୁଖ ଜାଗରଣ ଯାତ୍ରାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦୀର୍ଘ ୮ ବର୍ଷ ହେଲା ବଳାଙ୍ଗୀ ମହୋତ୍ସବର କାର୍ଯ୍ୟକର୍ତ୍ତା ସମେତ ପ୍ରାୟ ୫୦ ଜଣ ବଳାଙ୍ଗୀ ସୈନିକ ବାଇକ ଯୋଗେ ମୟୂରଭଞ୍ଜର ତତ୍କାଳୀନ ୪ଟି ରାଜଧାନୀ ସମେତ ୪ଟି ଉପଖଣ୍ଡର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥାଆନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନୁପ ପାଣିଗ୍ରାହୀ, ପଙ୍କଜ ରାଉତ, ରାଜେଶ ପାଲ, ଦେବାଶିଷ ରାଉତ, ଦେବେନ ଦାସ, ଆର୍ଯ୍ୟଶଙ୍କର ପାଣିଗ୍ରାହୀ, ସୌରଜିତ ପାଲ, ଗଲୁ ଅଗ୍ରୱାଲ, ଓମ୍ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଗୁଦିରେ ବାର୍ଷିକ ବାହାପର୍ବ; ନାଚିଲେ ଆଦିବାସୀ

ରାଇରଙ୍ଗପୁର, ୧୬ା୩(ସମିସ): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ମୁଗୁଦି ଗାଁରେ ବାର୍ଷିକ 'ବାହା ପାରାବ୍ ଏନେଜ୍ ଓ ସୁପାଳି ଆରାଳା' ନାଏକେ ବାବା ରାମଜିତ୍ ସୋରେନ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗାଁ ଜାହିରାକୁ ସକାଳେ ନାଏକ୍ ବାବାଙ୍କୁ ପ୍ରତି ଘରର ଜଣେ ଜଣେ ସଦସ୍ୟ ସାନ୍ତାଳୀ ନାଚ ମାଧ୍ୟମରେ ପାଛୋଟି ଆଣିଥିଲେ। ତା'ପରେ ରୀତିନୀତି ଅନୁସାରେ ବଙ୍ଗାବୁରୁ ଭୋଗ ଲଗାଇବା ପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରସାଦ ସେବନ ପରେ ଜାହିରା ସ୍ଥଳୀରେ ବାହା ନାଚ ପ୍ରଦର୍ଶନ କରାଯାଇଥିଲା। ପରେ ନାଏକ୍ ବାବାଙ୍କୁ ଗ୍ରାମବାସୀ ଆଦିବାସୀ ନାଚ ମାଧ୍ୟମରେ ଗ୍ରାମ ଆଖଡା ନିକଟକୁ ନେଇଆସିଥିଲେ। ତା'ପରଦିନ ସକାଳେ 'ସାଗୁନ ସୁପାଳି ଆରାଳା' କାର୍ଯ୍ୟକ୍ରମରେ ଗ୍ରାମବାସୀ ମାଠିଆ ଭର୍ତ୍ତି ପାଣିକୁ ଲକ୍ଷ୍ୟ କରି ଅନୁମାନ କରିଥିଲେ ଯେ ଆସନ୍ତା ମାସରେ ଧରିତ୍ରୀ ଉପରେ ଉତ୍ତମ ବର୍ଷା କିପରି ହେବ। ପରେ ଡାହାର୍ ନାଚରେ ଗ୍ରାମବାସୀ ଆନନ୍ଦ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଳିଚରଣ ସୋରେନ୍, ଫୁଦନ ମୁର୍ମୁ, ଗାନ୍ଧୀ ମୁର୍ମୁ, ସୁଦାମ ହେମ୍ବ୍ରମ, ବିଷ୍ଣୁ ହାଁସଦା, ସିଦ ମୁର୍ମୁ, ଉଦୟ ସୋରେନ୍, ଗୋବିନ୍ଦ ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିଲେ।

## ମା' ଆମ୍ବିଳିପାଟ କ୍ରିକେଟ; ବାଲେଶ୍ୱର ବିଜୟୀ

କଳାବାଡିଆ, ୧୬ା୩(ସମିସ): ବାଙ୍ଗିରିପୋଷି ବ୍ଲକ କଳାବାଡିଆ ପଞ୍ଚାୟତ ଜଗନ୍ନାଥଖୁଣ୍ଟା ଗ୍ରାମରେ ମା' ଆମ୍ବିଳିପାଟ କ୍ଲବ ତରଫରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଜିତୁ ୧୧, ବାଲେଶ୍ୱର ଓ ଶ୍ୟାମାଖୁଣ୍ଟା ୧୧ ମଧ୍ୟରେ ଖେଳ ହୋଇଥିଲା। ପାଞ୍ଚ ଓଭରିଆ ମ୍ୟାଚରେ ଜିତୁ-୧୧ ବାଲେଶ୍ୱର ୭୩ ରନ୍ କରିଥିବା ବେଳେ ଶ୍ୟାମାଖୁଣ୍ଟା-୧୧ ମାତ୍ର ୬୩ ରନ କରି ପରାସ୍ତ ହୋଇଥିଲା। ପ୍ରଥମ ଓ ଦ୍ୱିତୀୟ ଦଳକୁ ଯଥାକ୍ରମେ ୧୪ ହଜାର ୫୦୦ ଓ ୧୦ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଅମ୍ପାୟରଭାବେ ସଞ୍ଜିବ ପାତ୍ର, ଅଜିତ ସେନାପତି ଖେଳ ପରିଚାଳନା କରିଥିଲେ।

## ୱାର୍ଡସଭ୍ୟଙ୍କ ଭତ୍ତା ବୃଦ୍ଧି ପାଇଁ ଦାବିପତ୍ର



ବହଳଦା, ୧୬ା୩(ସମିସ): ରାଜ୍ୟ ସରକାର ନିକଟରେ ବିଭିନ୍ନ ବର୍ଗର କର୍ମଚାରୀ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ପାଇଁ ଦରମା, ଭତ୍ତା, ପାରିଶ୍ରମିକ ଆଦି ବୃଦ୍ଧି କରିବା ସହିତ ପ୍ୟାକେଜ ମଧ୍ୟ ଘୋଷଣା କରିଛନ୍ତି। ଏପରିକି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ମେୟରଠାରୁ ଆରମ୍ଭ କରି ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମିତି ସଭ୍ୟ, ସରପଞ୍ଚ, ନାଏବ ସରପଞ୍ଚଙ୍କ ପାଇଁ ମଧ୍ୟ ଭତ୍ତା ନିର୍ଦ୍ଧାରିତ କରିଛନ୍ତି; ମାତ୍ର ପଞ୍ଚାୟତସ୍ତରରେ ନିର୍ବାଚିତ ଜନପ୍ରତିନିଧି ୱାର୍ଡମେମ୍ବରଙ୍କ ପାଇଁ ସରକାର କୌଣସି ଘୋଷଣା କରିନାହାନ୍ତି। ଏହାକୁ ନେଇ ବହଳଦା ବ୍ଲକର ୧୨ଟି ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି।

ଆଜି ଏହାର ପ୍ରତିବାଦରେ ଶତାଧିକ ୱାର୍ଡସଭ୍ୟ ବହଳଦା ବ୍ଲକ ଆଗରେ ଏକାଠି ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରିଷ୍ଠ ୱାର୍ଡ ସଭ୍ୟ ପରେଶ ସାମଲ, କଳ୍ପତରୁ ବେହେରା ପ୍ରତ୍ୟୁଷ ଦାଶ, ଟୁମକି ଦତ୍ତ, ଦଶରଥ ମଣ୍ଡଳ, ଶାନ୍ତନୁ ବସା, ଘାସିରାମ ପାତ୍ର ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ।

## ଏଡିଏମ୍‌ଙ୍କ ନିର୍ବାଚନ ସଂକ୍ରାନ୍ତ ତାଲିମ କାର୍ଯ୍ୟକ୍ରମ ତଦାରଖ

ବେତନଟୀ, ୧୬ା୩(ସମିସ): ସଖୀ ବୁଥ୍ ଭାବରେ ଚୟନ କରାଯାଇଥିବା ବେତନଟୀ ଏମପିସି ହାଇସ୍କୁଲରେ ଚାରିଦିନ ଧରି ଚାଲିବାକୁ ଥିବା ନିର୍ବାଚନ ସଂକ୍ରାନ୍ତ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ତଦାରଖ କରିଛନ୍ତି। ଡିଏମ ବିଭୂତିଭୂଷଣ ନାୟକ। ପ୍ରତ୍ୟେକଦିନ ଦୁଇଟି ବ୍ୟାଚରେ ଶହେ ଜଣ କରି ଶିକ୍ଷକ/ଶିକ୍ଷୟିତ୍ରୀ ତାଲିମ୍ ଗ୍ରହଣ କରୁଥିବା ବେଳେ ୪ ଦିନରେ ଚାରିଶହ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନିର୍ବାଚନ ସଂକ୍ରାନ୍ତୀୟ ତାଲିମ୍ ପ୍ରଦାନ କରାଯିବ। ଶୁକ୍ରବାର ବେତନଟୀ ଏମପିସି ହାଇସ୍କୁଲ ପରିଦର୍ଶନରେ ଆସିଥିବା ଏଡିଏମ ବିଭୂତିଭୂଷଣ ନାୟକ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ ବିଡିଓ ଗୋପୀନାଥ ଖାଖା ତାଲିମ୍ ଦେଉଥିବା ଏବିଡିଓ ଗଗନବିହାରୀ ବେହେରା, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ଏମପିସି ହାଇସ୍କୁଲ ପ୍ରଧାନଶିକ୍ଷକ ଅର୍ଜୁନ ସିଂ, ଏବିଇଓ ରମାକାନ୍ତ ମହାନ୍ତ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ ପ୍ରମୁଖଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ।

## ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଫଳାଫଳ ପ୍ରକାଶ

ବେତନଟୀ, ୧୬ା୩(ସମିସ): ଓଡ଼ିଶା ସରକାରଙ୍କ ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସଓଏସଏସସି) ପକ୍ଷରୁ ପରିଚାଳିତ ପରୀକ୍ଷାଫଳ ପ୍ରକାଶିତ ହୋଇଥିବା ବେଳେ ଏଥିରେ ବେତନଟୀ ବ୍ଲକର ୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ସମଗ୍ର ମୟୂରଭଞ୍ଜରୁ ୧୭୮ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ବେତନଟୀ ବ୍ଲକର ୬ଜଣ କୃତିତ୍ୱ ହାସଲ କରିଛନ୍ତି। ୬ଜଣଙ୍କ ମଧ୍ୟରେ ଗଡ଼ଦେଉଳିଆର ଦୀପକ କୁମାର ଭୂୟାଁ, ଯୁଗୋଳ ଗ୍ରାମର ବିନୟ କୁମାର ଦାସ, ବେତନଟୀ ଉପକଣ୍ଠ ଭୋଗବାଟିର ଲୀସା ମିଶ୍ର, ଖଣ୍ଡଦେଉଳା ଗ୍ରାମର ଶୁଭଶ୍ରୀ କର, ପୁରୁଣିଆର କ୍ଷେତ୍ରମୋହନ ଦାସ ଏବଂ ବଡକ୍ଷୀରିପଦା ଗ୍ରାମର ଗଜାନନ ମାର୍ଣ୍ଡି ସାମିଲ।

## ଏମସିଏଏମରେ ବାଣିଜ୍ୟ ଓ ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ଆଲୋଚନାଚକ୍ର




ବାରିପଦା, ୧୬ା୩(ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ୍)ରେ ବାଣିଜ୍ୟ ଓ ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ 'ଓଡ଼ିଶାର ସାମାଜିକ ଅର୍ଥନୀତିକ ବିକାଶରେ ମିଶନ ଶକ୍ତିର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏମବିଏ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼ କୌଶଲ୍ୟ କିଶୋର ତ୍ରିପାଠୀ ମୁଖ୍ୟଅତିଥି ଏବଂ ରାଇରଙ୍ଗପୁର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ଶିବାଶିଷ ସାହୁ, ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ଡ. ଜିତେନ୍ଦ୍ର କୁମାର ଦାସ ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାର ଶୀର୍ଷକ ସମ୍ବନ୍ଧିତ ତଥ୍ୟକୁ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ସବିତାରାଣୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଡ.ଠାକୁରା ଚରଣ ମାରାଣ୍ଡି, ଚୌଧୁରୀ ଚରଣ ପାତ୍ର, ମଦନମୋହନ ସାହୁ, କବିତା ସାହୁ, ତୃପ୍ତି ଦାସ, ଗୌରୀ ନାୟକ, ଜ୍ୟୋତିର୍ମୟୀ ଗିରି ଓ ସୁଜାତା ପାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଭିଜିତ୍ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲ୍ୟାପଟପ୍ ବଣ୍ଟନ




ବାରିପଦା, ୧୬ା୩(ସମିସ): ମୟୂରଭଞ୍ଜ ଜିଲ୍ଲା ସମଗ୍ର ଶିକ୍ଷା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ୧୬ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲ୍ୟାପଟପ ବଣ୍ଟନ କରାଯାଇଛି। କେନ୍ଦ୍ର ସରକାରଙ୍କ ଷ୍ଟାର୍ସ ପ୍ରକଳ୍ପରୁ ପ୍ରଦତ୍ତ ଲ୍ୟାପଟପ ସହିତ କଥନ ପୁସ୍ତକକୁ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଦ୍ୱାରା ଜିଲ୍ଲାରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ୧୬ଜଣ ପିଲାଙ୍କୁ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲ୍ଲା ଅନ୍ତର୍ନିବେଶୀ ସଂଯୋଜକ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ବାଙ୍ଗିରିପୋଷି ବ୍ଲକର ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ବାବୁଲି ନାୟକ, ବେତନଟୀ ବ୍ଲକର ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ର ମାନସ ରଞ୍ଜନ ଜେନା, ବିଶୋଇ ବ୍ଲକର ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ମେଘରାୟ ସୋରେନ, ଗୋପବନ୍ଧୁନଗର ବ୍ଲକର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର କୌଶିକ ବେହେରା, ଛାତ୍ର ସୁଜିତ ବେହେରା, କରଞ୍ଜିଆ ବ୍ଲକର ରଘୁନାଥ କଲେଜ, ଛାତ୍ର ଭକ୍ତବନ୍ଧୁ ମହାନ୍ତ, ଏମଡି ନିଜାମ, ଯମୁନା ଟୁଡୁ, ଅର୍ଚ୍ଚନା ମହାନ୍ତ, ବିବେକ ମୁଖୀ, ରତନ ମୁର୍ମୁ, ଜ୍ଞାନରଞ୍ଜନ ନାଏକ, ଚୈତନ୍ୟ ପ୍ରସାଦ ମାଝୀ ମୃତ୍ୟୁଞ୍ଜୟ ମହାନ୍ତ, ମିଥୁନ ବେହେରା, ସୁରଦାସ ବାଦ୍ରା ଓ ଆୟୁଷ୍ମାନ ବେହେରା ପ୍ରମୁଖ ଉଚ୍ଚଶିକ୍ଷା ପାଇଁ ଲ୍ୟାପଟପ ଗ୍ରହଣ କରିଥିଲେ। ବାଙ୍ଗିରିପୋଷି ବ୍ଲକର ଗୋଷ୍ଠୀ ସାଧନ କର୍ମୀ ବୀରେନ୍ଦ୍ର ସାହୁ ଓ ଉଦଳା ବ୍ଲକର ଗୋଷ୍ଠୀ ସାଧନ କର୍ମୀ ନିର୍ମଳ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥକୁ ସ୍ୱାଗତ ସମ୍ବର୍ଦ୍ଧନା



କରଞ୍ଜିଆ, ୧୬ା୩(ସମିସ): ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ତିନି ଦିନ ବ୍ୟାପୀ ଜିଲ୍ଲାର ୪ଟି ଉପଖଣ୍ଡ ପରିଭ୍ରମଣ କରିବା ପରେ ଶନିବାର କରଞ୍ଜିଆରେ ପହଞ୍ଚିଥିଲା। ପରେ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆଜି ଖିଚିଂ ମା' କୀଚକେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା କରି ରଥ କରଞ୍ଜିଆ ଅଭିମୁଖେ ଯାତ୍ରା କରିଥିଲା। ଜ୍ୟୋତି ରଥକୁ କରଞ୍ଜିଆ ନେତାଜୀ ଛକରେ ସାମ୍ବାଦିକ ବିନ୍ଦୁସାର ଦାଶଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ପୁଷ୍ପମାଲ୍ୟ ଦେଇ ସ୍ୱାଗତ ଜଣାଇଥିଲେ। ପୌର ଅଧ୍ୟକ୍ଷା ପପି ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ ପରିଜା, କରଞ୍ଜିଆ ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣର୍ଜୁନ ସାହା, ପାଞ୍ଚପିଢ଼ ପ୍ରେସ କ୍ଲବ ସଭାପତି ଉମାଶଙ୍କର ଦାସ, ପୂର୍ବତନ ବିଧାୟକ ବିଜୟ ନାୟକ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱାଗତ କରିଥିଲେ। ସହର ପରିକ୍ରମା ପରେ ରଥକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସ୍ଥାନୀୟ ରାଣୀ ସତୀ ମନ୍ଦିରରେ ରଖାଯାଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମସ୍ତ ସ୍ୱାଭିମାନୀ ମୟୂରଭଞ୍ଜବାସୀ ଆଞ୍ଚଳିକତା ଭୁଲି ଏକଜୁଟ ହେବା ଏବଂ ଗୌରବମୟ ଭଞ୍ଜମାଟିର ପୂର୍ବ ଗରିମାକୁ ଅକ୍ଷୁଣ୍ଣ ରଖିବା ବୋଲି ଜାଗରଣ ମଞ୍ଚର ଆବାହକ ଦୀପକ କୁମାର ନାୟକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ସାମ୍ବାଦିକ ସଂଘ, ପାଞ୍ଚପୀଢ଼ ସାମ୍ବାଦିକ ସଙ୍ଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ଜାତୀୟ ଯୁବ ପ୍ରକଳ୍ପ, କରଞ୍ଜିଆ ସାହିତ୍ୟ ସଂସଦ, ଡିଏମ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ, ପୌରାଧ୍ୟକ୍ଷ ଉଜ୍ଜ୍ୱଳା ଦିଦି ସମେତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ବାହାରିଥିବା ଏକ ରାଲି କରଞ୍ଜିଆ ନଗର ପରିକ୍ରମା କରି ମିଳନ ପଡ଼ିଆରେ ପହଞ୍ଚିଥିଲା। ଗୋଲେଇ ଛକ ଠାରେ ମୟୂରଭଞ୍ଜ ରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଠାକୁରମୁଣ୍ଡା ଆଭିମୁଖ୍ୟ ଯାତ୍ରା କରିଥିଲା। ଯୁବ ସମଜସେବୀ ସମ୍ବିଧାନ ମହାପାତ୍ର, ରହିତ ପୃଷ୍ଟି ମହେଶ୍ୱର ନାୟକ, ଗୌରୀ ବାବୁ ସହଯୋଗ କରିଥିଲେ।

# ଶିମିଳିପାଳ ପାଦଦେଶରୁ ମାଙ୍କଡ଼ା ପଥର ଚୋରା ଚାଲାଣ



ଉଦଳା, ୧୬ା୩(ସମିସ): ଉଦଳା ବ୍ଲକ ଅଞ୍ଚଳରେ ସମ୍ପ୍ରତି ବ୍ୟାପକଭାବେ ମାଙ୍କଡା ପଥରର ଚୋରା ଚାଲାଣ ହେଉଛି। ଫଳରେ ମାଫିଆମାନେ ଏହି ଅଞ୍ଚଳରେ ଏବେ ସକ୍ରିୟ ହୋଇପଡ଼ିଛନ୍ତି। ଶିମିଳିପାଳ ପୂର୍ବ ପାଦଦେଶ ଅଞ୍ଚଳରେ ଥିବା ନୂଆଗାଁ, ପାଟଶାଣୀପୁର, କୁଣ୍ଡାବାଇ ଓ ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟରେ ମାଙ୍କଡା ପଥରେ ବ୍ୟାପକ ଚୋରା ଚାଲାଣ ଚାଲିଛି। କିଛି ମାଫିଆ ଏହି ବ୍ୟବସାୟକୁ ମାଧ୍ୟମ କରି ବେପାର ଚଳାଇଛନ୍ତି। ମାଫିଆମାନେ ତହସିଲରୁ ଆରମ୍ଭ କରି ପୁଲିସ ଏପରିକି ସ୍ଥାନୀୟ ଦଲାଲ ଓ କିଛି ଅସାଧୁ ରାଜନୈତିକ ନେତାଙ୍କୁ ହାତ କରି ସହଜରେ ନିଜର ବ୍ୟବସାୟ ଚଳାଇଛନ୍ତି। ଗତ ଦୁଇବର୍ଷ ତଳେ ଜଣେ ପଥର ମାଫିଆର ମୋବାଇଲ୍ ବାର୍ତ୍ତାଳାପ ଭାଇରାଲ ହେବା ପରେ ଜିଲ୍ଲାପାଳ ଜଣେ ମହିଳା ରାଜସ୍ୱ ନୀରିକ୍ଷକଙ୍କୁ ନିଲମ୍ବିତ କରିଥିଲେ। ସେହିପରି ଏକବର୍ଷ ପୂର୍ବରୁ ସେହି ଅଞ୍ଚଳର ଜଣେ ଫାଣ୍ଡି ଅଧିକାରୀ ଅନୁରୂପଭାବେ ମୋବାଇଲ୍ ବାର୍ତ୍ତାଳପ କରି ଅର୍ଥ ମାଗିବା ଭାଇରାଲ୍ ହେବା ପରେ ଆରକ୍ଷୀ ଅଧୀକ୍ଷକ ମଧ୍ୟ ନିଲମ୍ବିତ କରିଥିଲେ। ଏବେ କିନ୍ତୁ ମାଫିଆମାନେ ସତର୍କତା ସହକାରେ ସରକାରୀ କର୍ମଚାରୀଙ୍କୁ ହାତକରି ବ୍ୟବସାୟ ଚଳାଇଛନ୍ତି। ମୋଟାମୋଟି କହିବାକୁ ଗଲେ ପ୍ରଶାସନର ଅଗୋଚରରେ ଏହି ଚାଲାଣ ଚାଲୁଥିବା ସ୍ପଷ୍ଟ ହୋଇପଡ଼ିଛି। ଏକ ଉପଖଣ୍ଡ ସ୍ତରୀୟ ର୍‌ୟାକେଟ୍ ଏହି ଚୋରା ଚାଲାଣରେ ସମ୍ପୃକ୍ତ ରହିଥିବା ଜଣାପଡ଼ିଛି। ଏପରିକି କିଛି ରାଜନୈତିକ ଦଲାଲ, ଅସାଧୁ ସରକାରୀ କର୍ମଚାରୀ ମଧ୍ୟ ସାମିଲ ଥିବା ଚର୍ଚ୍ଚା ଜୋର ଧରିଛି। ପଥର ମାଫିଆମାନେ ଅର୍ଥ ବଳରେ ଚୋରା ଚାଲାଣକୁ ଖୁବ ସହଜରେ କରୁଥିବା ବେଳେ ଚଢଉ କରୁଥିବା ଅଧିକାରୀଙ୍କୁ ସହେଯାଗ ନ କରିବା ଓ ଅନ୍ୟତ୍ର ସ୍ଥାନାନ୍ତର କରିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଏଣୁ ପ୍ରଶାସନର ନାକତଳେ ଏହି ଅଞ୍ଚଳର ପଥର ଚାଲାଣ କରାଯାଉଥିବା କହିଲେ ଅତ୍ୟୁକ୍ତି ହେବାନାହିଁ। ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି।

# ଛଉ ନୃତ୍ୟଗୁରୁ ସୁନ୍ଦର ନାଏକଙ୍କ ଦେହାନ୍ତ

ବାରିପଦା, ୧୬।୩(ସମିସ): ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପାଇଥିବା ମୟୂରଭଞ୍ଜ ଜିଲ୍ଲାର ଛଉ ନୃତ୍ୟର ଗୁରୁ ସୁନ୍ଦର ମୋହନ ନାଏକଙ୍କ କୁଳିଅଣା ବ୍ଲକ ଅନ୍ତର୍ଗତ ରଙ୍ଗିଆମ

■ ହୀରାକୁଦ ଡ୍ୟାମ୍ ଉଦ୍‌ଘାଟନ ଉତ୍ସବରେ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ



ବାସଭବନରେ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ମୃତ୍ୟୁ ଖବର ପାଇ ଶନିବାର ଉତ୍ତର ସାହି ଓ ଦକ୍ଷିଣ ସାହିର ବହୁ ଛଉ କଳାକାର ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶନିବାର ଗ୍ରାମରେ ଶେଷକୃତ୍ୟ ସଂପନ୍ନ ହୋଇଛି। ଛଉ କଳାକାର ଓ ପରିବାର ଲୋକଙ୍କ ଉପସ୍ଥିତିରେ ତାଙ୍କର ପାର୍ଥିବ ଶରୀର ପାଞ୍ଚଭୂତରେ ବିଲୀନ ହେଇଥିଲା। ରଙ୍ଗିଆମ ଗ୍ରାମରେ ଗୁରୁ ସୁନ୍ଦର ମୋହନ ନାଏକ ଗତ ୧୨ ସେପ୍ଟେମ୍ବର ୧୯୪୦ରେ ଏକ ଚାଷୀ ପରିବାରରେ ଜନ୍ମ ଲାଭ କରିଥିଲେ। ଛୋଟ ବୟସରୁ ହିଁ ଗାଁରେ ଅନୁଷ୍ଠିତ ହେଉଥିବା ମକର ମେଳାରେ ଚାଙ୍ଗୁ ନୃତ୍ୟରେ ନୃତ୍ୟ ପରିବେଷଣ କରୁଥିଲେ। ଖବର ପାଇ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜ ଦେଓଙ୍କ ଅନୁମତି କ୍ରମେ ଗୁରୁ ମଦନ ମୋହନ ଲେଙ୍କା, ଗୁରୁ ରଘୁନାଥ ସିଂ ଚୌହାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରିପଦା ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନଠାରେ ଛଉ ନୃତ୍ୟ ଶିକ୍ଷା ଲାଭ କରିଥିଲେ। ଏକ ଦକ୍ଷ ଛଉ ନୃତ୍ୟ ଶିଳ୍ପୀ ଭାବେ ନିଜକୁ ପ୍ରତିଷ୍ଠିତ କରାଇଥିଲେ। ଉତ୍ତର ସାହିର ବହୁ ପରିଚିତ ଗରୁଡ଼ ବାହାନ ନୃତ୍ୟରେ ଗରୁଡ଼ ଭୂମିକାରେ ନୃତ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଯାହାକି ଯୁଗେ ଯୁଗେ ଚିରସ୍ମରଣୀୟ ଏବଂ ଛଉ ଇତିହାସ ପାଇଁ ଏକ ଅବିସ୍ମରଣୀୟ ଅଧ୍ୟାୟ। ଓଡ଼ିଶାର ହୀରାକୁଦ ଡ୍ୟାମ ଉଦଘାଟନ ଉତ୍ସବରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ ନେହେରୁଙ୍କ ସମ୍ମୁଖରେ ଗରୁଡ଼ ବାହାନ ନୃତ୍ୟ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ସ୍ୱର୍ଗତ ଜବାହାରଲାଲ ନେହରୁଙ୍କ ଠାରୁ ଉଚ୍ଚ ପ୍ରଶଂସିତ ହେଇଥିଲେ। ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଉତ୍ତର ସାହି ବାରିପଦାର ଗୁରୁ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କଠାରୁ ନୃତ୍ୟ ଶିକ୍ଷା ଲାଭ କରିଥିବା ଅନେକ ଛଉ ଶିଳ୍ପୀ ଆଜି ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ହୋଇଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ବ୍ୟକ୍ତ କରିବା ସହ ତାଙ୍କର ଶେଷ ଦର୍ଶନ କରିଛନ୍ତି। ପ୍ରୋଜେକ୍ଟ ଛାଉଣି ପରିବାର ପକ୍ଷରୁ ମଧ୍ୟ ଶୋକବ୍ୟକ୍ତ କରାଯାଇଛି।

# ଛଉ ନୃତ୍ୟ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୧୬।୩(ସମିସ): ଭୁବନେଶ୍ୱର ଓଡ଼ିଆ ଭାଷା ସାହିତ୍ୟ ଓ ନୃତ୍ୟ ବିଭାଗ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଲଡୁକେଶ୍ୱର ରଣାଙ୍କୁ ଛଉ ନୃତ୍ୟ ପ୍ରତିନିଧିଭାବେ ନୃତ୍ୟ ବିଭାଗରେ ସଦସ୍ୟତା ପ୍ରଦାନ କରାଯାଇଛି। ଏହି ଅବସରରେ ସଚିବ ପ୍ରବୋଧ ରଥ ଓ ବରିଷ୍ଠ ଓଡିଶୀ ନୃତ୍ୟ ଶିଳ୍ପୀ ତଥା ଅଧକ୍ଷା ଅରୁଣା ମହାନ୍ତି ସମ୍ବର୍ଦ୍ଧିତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା ସଙ୍ଗୀତ ନାଟକ ସମ୍ମିଳନୀ ଗୃହରେ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଖବର ପାଇ ମୟୂରଭଞ୍ଜର ଛଉ କଳାକାରମାନେ ଉତ୍ସାହିତ ହେବା ସହିତ ଶ୍ରୀ ରଣାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ମୟୂରଭଞ୍ଜ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ହେବ ଲୋକସଭା ଓ ବିଧାନସଭା ନିର୍ବାଚନ

# ୧୯.୩୨ ଲକ୍ଷ ଭୋଟରଙ୍କ ପାଇଁ ୨୩୬୮ଟି ବୁଥ୍



ବାରିପଦା, ୧୬।୩(ସମିସ): ଶନିବାର ନିର୍ବାଚନ କମିଶନରଙ୍କ ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲାରେ ଲୋକସଭା ଓ ବିଧାନସଭା ନିର୍ବାଚନ ଷଷ୍ଠ ଓ ସପ୍ତମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଜିଲ୍ଲାରେ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଥିବା ବେଳେ ବଡ଼ସାହି ବିଧାନସଭା ମଣ୍ଡଳୀ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଓ କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ କେନ୍ଦୁଝର ସଂସଦୀୟ କ୍ଷେତ୍ର ଅଧୀନରେ ରହିଛି। ବାରିପଦା, ମୋରଡା, ଉଦଳା, ବାଙ୍ଗିରିପୋଷି, ସାରସକଣା, ରାଇରଙ୍ଗପୁର ଓ ଯଶିପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଛି। କେନ୍ଦୁଝର ଲୋକସଭା ଓ କରଞ୍ଜିଆ ବିଧାନସଭା ପାଇଁ ଷଷ୍ଠ ପର୍ଯ୍ୟାୟ ଅର୍ଥାତ ମେ ୨୫ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଜିଲ୍ଲାର ବାକି ସମସ୍ତ ଆସନ ପାଇଁ ସପ୍ତମ ପର୍ଯ୍ୟାୟ ଅର୍ଥାତ ଜୁନ ୧ତାରିଖରେ ନିର୍ବାଚନ ହେବ। ମେ ୨୫ତାରିଖ ନିର୍ବାଚନ ପାଇଁ ଗେଜେଟ ନୋଟିଫିକେସନ ଅପ୍ରେଲ ୨୯ତାରିଖ ଥିବା ବେଳେ ନାମାଙ୍କନପତ୍ର ଦାଖଲ ଶେଷ ଦିବସ ମେ ୬ତାରିଖ ରହିଛି। ସେହିପରି ମେ ୭ତାରିଖ ପ୍ରାର୍ଥିପତ୍ର ଯାଞ୍ଚ ଓ ୯ତାରିଖ ନାମାନଙ୍କପତ୍ର ପ୍ରତ୍ୟାହାରର ଶେଷ ଦିବସ। ଅପରପକ୍ଷରେ ଜୁନ ୧ତାରିଖ ନିର୍ବାଚନ ପାଇଁ ଗେଜେଟ ନୋଟିଫିକେସନ ମେ ୭ତାରିଖ ଥିବା ବେଳେ ନାମାଙ୍କନପତ୍ର ଦାଖଲ ଶେଷ ଦିବସ ମେ ୧୪ତାରିଖ ରହିଛି। ସେହିପରି ମେ ୧୫ତାରିଖ ପ୍ରାର୍ଥିପତ୍ର ଯାଞ୍ଚ ଓ ମେ ୧୭ତାରିଖ ନାମାନଙ୍କପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି। ଜୁନ ୪ତାରିଖରେ ଭୋଟ ଗଣତି ଦିନଧାର୍ଯ୍ୟ ହୋଇଛି। ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ସମାପନ ପାଇଁ ପ୍ରଶାସନିକ ତତ୍ପରତା ବା ପ୍ରସ୍ତୁତି ଜିଲ୍ଲାରେ ଜୋରଦାର ଜାରି ରହିଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଏସପି ଏସ ସୁଶ୍ରୀ, ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ନିର୍ବାଚନ ଅଧିକାରୀଙ୍କୁ ନେଇ ମାରାଥନ ଜିଲ୍ଲା ଗସ୍ତ କରି ସମୀକ୍ଷା କରୁଛନ୍ତି। ନିର୍ବାଚନ ଆୟୋଗଙ୍କ ନିୟମାନୁସାରେ ୧୪ରୁ ୧୯ତାରିଖ ବୁଧବାର ପର୍ଯ୍ୟନ୍ତ ମତଦାନ କେନ୍ଦ୍ରରେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବାକୁ ଥିବା ଅଧିକାରୀ/କର୍ମଚାରୀଙ୍କ ତାଲିମ ଆରମ୍ଭ ହେଉଛି। ନୂତନ ପ୍ରକ୍ରିୟାରେ ମନୋନୀତ ୧୭ହଜାର ୧୦୨ଜଣ ତାଲିକା ଭୁକ୍ତ କର୍ମଚାରୀ ଜିଲ୍ଲାର ୩୨ଟି ତାଲିମ କେନ୍ଦ୍ରରେ ପର୍ଯ୍ୟାୟକ୍ରମେ ତାଲିମ ନେଉଛନ୍ତି। ସୂଚନାଯୋଗ୍ୟ ଯେ, ଜିଲ୍ଲାର ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୯ଲକ୍ଷ ୩୧ହଜାର ୭୦୫ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୯ଲକ୍ଷ ୫୬ହଜାର ୮୭୦ଜଣ ପୁରୁଷ, ୯ଲକ୍ଷ ୭୪ହଜାର ୭୪୮ଜଣ ମହିଳା ଓ ୮୪ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ଏମାନେ ୨୩୬୮ଟି ମତଦାନ କେନ୍ଦ୍ରରେ ନିଜ ପସନ୍ଦର ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଇଭିଏମ ଯୋଗେ ଭୋଟ ଦେବେ। ନିର୍ବାଚନ ଆୟୋଗଙ୍କ ନିୟମାବଳୀ ଅନୁସାରେ ୨୦ପ୍ରତିଶତ ମତଦାନ କେନ୍ଦ୍ର ଆଦର୍ଶ ମତଦାନ କେନ୍ଦ୍ର ଭାବେ ପ୍ରସ୍ତୁତ କରାଯିବ। ତନ୍ମଧ୍ୟରୁ ୪୨୪ଟି ସଖୀ କେନ୍ଦ୍ର (ମହିଳାଙ୍କ ଦ୍ୱାରା ପରିଚାଳିତ) ଓ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗୋଟିଏ ଲେଖାଏଁ ମିଶି ୯ଟି ଦିବ୍ୟାଙ୍ଗ ମତଦାନ କେନ୍ଦ୍ର ରହିବ। ନିର୍ବାଚନକୁ ଅବାଧ ଓ ମୁକ୍ତ ଭାବେ କରାଯିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଦିଗକୁ ତ୍ୱରାନ୍ୱିତ କରାଯାଉଛି।

## ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଚୋରି ଘଟଣା

# ୫ ଛାତ୍ର କରିଥିଲେ ସହାୟତା; ଦୁଇ ଗିରଫ

ବାରିପଦା, ୧୬।୩(ସମିସ): ଶିରିଶବଣୀ ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଚୋରି ହୋଇଥିବା ଘଟଣାରେ ଜଡିତ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ସଫଳ ହୋଇଛି। ଏହି ଶିକ୍ଷାନୁଷ୍ଠାନରୁ ଗତ କିଛି ଦିନ ମଧ୍ୟରେ ଦୁଇ ଥର ଚୋରି ହେବା ପରେ ସଦର ଥାନା ପୁଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ଶନିବାର ବାରିପଦା ସଦର ଥାନା ପରିସରରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀଣି ମଧୁସ୍ମିତା ମହାନ୍ତି ସୂଚନା ଦେଇଛନ୍ତି। ଗିରଫଦ୍ୱୟ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ସହରସାହି, ୱାର୍ଡ ନମ୍ବର ୮ ଅଞ୍ଚଳର ରୋହିତ ପଲେଇ (୨୧) ଓ ଏସ.କେ ଅବଦୁଲ (୨୨)। ଏଥିସହିତ ଏହି ଚୋରିରେ ସେହି ଶିକ୍ଷାନୁଷ୍ଠାନର ଦଶମ ଶ୍ରେଣୀର ୫ଜଣ ଛାତ୍ର ସମ୍ପୃକ୍ତ ଥିବା ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଜାନୁଆରୀ ୩୧ତାରିଖ ବିଳମ୍ବିତ ରାତିରେ ଶିକ୍ଷାନୁଷ୍ଠାନରୁ ଚୋରି ହୋଇଥିଲା। ପ୍ରଶାସନିକ କାର୍ଯ୍ୟାଳୟ ସଂଲଗ୍ନ ଥିବା ଶୌଚାଳୟର କାଚ ଭେଣ୍ଟିଲେଟର ଦେଇ କାର୍ଯ୍ୟାଳୟର କବାଟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପଶିଥିଲେ। ଏହା ସହିତ ସେଠାରେ ଥିବା ସିସିଟିଭି କ୍ୟାମେରାର ସଂଯୋଗ ତାରକୁ ମଧ୍ୟ ଛିଣ୍ଡାଇ ଦେଇଥିଲେ। ଦୁର୍ବୃତ୍ତମାନେ ଆଇରନ୍ ଚେଷ୍ଟ ତାଲା ଭାଙ୍ଗି ୬୦ରୁ ୭୦ ହଜାର ଟଙ୍କା ଏବଂ ଲୁହା



ଆଲମିରାରୁ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେବାଥିବା ସହିତ ୨ଟି ପେନ୍‌ଡ୍ରାଇଭ, ଗୋଟିଏ ଓଟିଜି ଏବଂ ଆଇଟି କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଆଦି ଚୋରି କରିଥିଲେ। ତେବେ ତହିଁ ପରଦିନ ସକାଳୁ ଚୋରି ହୋଇଥିବା ଜଣାପଡ଼ିବା ପରେ ଫେବୃଆରୀ ୧ତାରିଖରେ ବାରିପଦା ସଦର ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଚୋରି ଘଟଣାର କିଛି ଦିନ ପରେ ପୁଣି ଅନୁରୂପ ଭାବେ ଟଙ୍କା ଓ ସାମଗ୍ରୀ ବିଳମ୍ବିତ ରାତିରେ ଚୋରି ହୋଇଥିବାର ନେଇ ମାର୍ଚ୍ଚ ୧୪ରେ ବାରିପଦା ସଦର ଥାନାରେ ପୁଣି ଅଭିଯୋଗ ହୋଇଥିଲା। ଶିକ୍ଷାନୁଷ୍ଠାନର ସମ୍ପାଦକ ଅଜୟ କୁମାର ମିଶ୍ରଙ୍କ ଲିଖିତ ଅଭିଯୋଗକ୍ରମେ ପୁଲିସ ପୃଥକ ମାମଲା ରୁଜୁ କରିଥିଲା। ଏନେଇ ତଦନ୍ତ ପ୍ରକ୍ରିୟା କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ କେଟିଏମ ଓ ଗୋଟିଏ ପଲସର ବାଇକ ସମେତ ୬୦ହଜାର ଟଙ୍କା, ୨ଟି ଲ୍ୟାପଟପ, ୫ଟି ହାର୍ଡଡିସ୍କ, ୨ଟି ଏଲଇଡି ଟିଭି, ଗୋଟିଏ ମ୍ୟୁଜିକ ସିଷ୍ଟମ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ବାର୍ଷିକ ଅନୁଦାନ ୪ ଲକ୍ଷ ଟଙ୍କାକୁ ବୃଦ୍ଧି

ବାରିପଦା, ୧୬।୩(ସମିସ): ରାଜ୍ୟରେ କ୍ରୀଡାର ବିକାଶ ପାଇଁ ସରକାର ପ୍ରତ୍ୟେକ କ୍ରୀଡା ସଂଗଠନକୁ ମିଳୁଥିବା ଅନୁଦାନ ରାଶିରେ ବୃଦ୍ଧି କରାଯାଇଛି। ସରକାର ୨୦ରୁ ଅଧିକ ବ୍ଲକ ଥିବା ଜିଲ୍ଲାକୁ ମିଳୁଥିବା ଅନୁଦାନ ରାଶି ୨ ଲକ୍ଷରୁ ୪ ଲକ୍ଷକୁ ବୃଦ୍ଧି କରିଛନ୍ତି। ସେହି କ୍ରମରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନକୁ ମିଳୁଥିବା ଅନୁଦାନ ରାଶି ମଧ୍ୟ ୪ ଲକ୍ଷକୁ ବୃଦ୍ଧି ପାଇଛି। ଫଳରେ ଜିଲ୍ଲାର କ୍ରୀଡ଼ାବିତ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ରାଶିରେ ବର୍ଷତମାମ କ୍ରୀଡା ପ୍ରତିଯୋଗିତା, କୋଚିଂ କ୍ୟାମ୍ପ କରାଯିବା ସହ ଓ କ୍ରୀଡା ସାମଗ୍ରୀ ମଧ୍ୟ କ୍ରୟ କରାଯାଇପାରିବ। ଏହି ଖବର ପାଇ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡା ସଚିବ ଆର ଭିନୀଲ କ୍ରିଷ୍ଣନ, ଓଡ଼ିଶା ଆଥଲେଟିକ ଆସୋସିଏସନର ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଏବଂ ଓଡ଼ିଶା ଓଲିମ୍ପିକ ଆସୋସିଏସନର ସଭାପତି ଜଗମୋହନ ପଟ୍ଟନାୟକ ଓ ସମ୍ପାଦକ ଅଭିଜିତ ପାଲଙ୍କୁ ମଧ୍ୟ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ପକ୍ଷରୁ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ କୃତଜ୍ଞତା ଜଣାଇଛନ୍ତି।




# ୧.୩୩ ଲକ୍ଷ ଟଙ୍କାର ମଦ ଜବତ; ଜଣେ ଗିରଫ



ବାରିପଦା/ଜାମଶୋଳା, ୧୬।୩(ସମିସ): ଝାରପୋଖରିଆ ଥାନା ପୁଲିସ ଦ୍ୱାରା ବିପୁଳ ପରିମାଣର ବେଆଇନ ବିଦେଶୀ ମଦ ଜବତ କରାଯାଇଛି। ଏଥିସହିତ ଏହି କାରବାରରେ ସମ୍ପୃକ୍ତ ଜଣକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଝାରପୋଖରିଆ ଥାନା ଅନ୍ତର୍ଗତ ସାରସକଣାର ଜଗତ ମୋହନ ସାହୁ ଓରଫ ପ୍ରେମା (୩୦)। ତା' ନିକଟରୁ ୨୨୦ ଲିଟରରୁ ଉର୍ଦ୍ଧ୍ୱ ମଦ ଜବତ କରାଯାଇଛି ବୋଲି ଡିଏସପି ଦୋଳମଣି ଭୋଇ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଝାରପୋଖରିଆ ଥାନା ପୁଲିସ ଦ୍ୱାରା ପାଟ୍ରୋଲିଂ ସମୟରେ ବେଆଇନ ମଦ କାରବାର ନେଇ ଖବର ମିଳିଥିଲା। ଏହାକୁ ନେଇ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ଘରେ ଚଢ଼ଉ କରି ୪୬୪ବୋତଲ ମଦ ଜବତ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୩୩ ହଜାର ଟଙ୍କା ହେବ। ମଦ କାରବାର ନେଇ କୋଣସି ପ୍ରକାର ଲାଇସେନ୍ସ ପ୍ରେମା ଦେଖାଇ ପାରିନଥିଲେ। ବେଆଇନ ମଦ କାରବାରକୁ ନେଇ ଝାରପୋଖରିଆ ଥାନାରେ ଏକ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ରକ୍ତଦାନ ଶିବିର

ବାରିପଦା, ୧୬।୩(ସମିସ): ବିଜେପି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ଉପରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତ ସମେତ ପଡୋଶୀ ରାଜ୍ୟର ଲୋକେ ନିର୍ଭର କରିଥାନ୍ତି। ଶିବିରରେ ମୋଟ ୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ବାରିପଦା ବିଧାୟକ ପ୍ରକାଶ ସୋରେନ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ବିଧାୟକ ଭାଦବ ହାଁସଦା, ବାରିପଦା ନଗର ମଣ୍ଡଳର କାର୍ଯ୍ୟକର୍ତ୍ତା ଓ ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିବା ସହ ରକ୍ତଦାତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।




## ପୌରପାଳିକା ପକ୍ଷରୁ ମାରାଥନ ଭୂମି ପୂଜନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ

# ଯାତ୍ରୀ ବିଶ୍ରାମାଗାର ଓ ସ୍ମାର୍ଟ ପରିସ୍ରାଗାର ଉଦ୍‌ଘାଟିତ

■ ଆଶୀର୍ବାଦ ଛକରେ ନିର୍ମାଣ ହେବ ଭେଣ୍ଡିଂଜୋନ

■ ଷ୍ଟେସନ ବଜାରରେ ହାଇବ୍ରିଡ ଶୌଚାଳୟ ଭିତ୍ତିପ୍ରସ୍ତର

ବାରିପଦା, ୧୬।୩(ସମିସ): ବାରିପଦା ପୌରପାଳିକା ପକ୍ଷରୁ ଶୁକ୍ରବାର ଓ ଶନିବାର



ମାରାଥନ ଭୂମି ପୂଜନ ଓ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଞ୍ଚଳର ୧୨ନଂ ୱାର୍ଡ଼ ଷ୍ଟେସନ ବଜାରର ଆଶୀର୍ବାଦ ଛକରେ ନବନିର୍ମିତ ଯାତ୍ରୀ ପ୍ରତୀକ୍ଷାଳୟ ସହ ଏକ ନୂତନ ସ୍ମାର୍ଟ ପରିସ୍ରାଗାର (ଲୁ) ଉଦଘାଟନ ହେବା ସହିତ ଭେଣ୍ଡିଂଜୋନର ଭୂମିପୂଜନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପନଗରପାଳ ସୀମା ଦାସ, ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ବାରିପଦା ସହରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରଖିବା ପାଇଁ ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ ଉଠା ଦୋକାନୀଙ୍କୁ ଥଇଥାନ ପାଇଁ ଭେଣ୍ଡିଂଜୋନ ପ୍ରସ୍ତୁତ କରାଯାଉଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ମହାନ୍ତି କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଜରିଆରେ ଷ୍ଟେସନବଜାର ସ୍ଥିତ ଆଶୀର୍ବାଦ ଛକଠାରେ ଏହି ଭେଣ୍ଡିଂଜୋନ ନିର୍ମାଣ କରାଯିବ। ସେହିପରି ଷ୍ଟେସନ ପଡ଼ିଆରେ ଏକ ସ୍ମାର୍ଟ ପରିଶ୍ରାଗାର (ଲୁ) ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି; ଯାହାର ପରିଚାଳନା ନିମନ୍ତେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ଦ୍ୱାରା କରାଯିବାର ବ୍ୟବସ୍ଥା ହୋଇଛି। ଷ୍ଟେସନ ରୋଡଠାରେ ଅବସ୍ଥିତ କୃଷି ବିଭାଗର କାର୍ଯ୍ୟାଳୟ ନିକଟରେ ଏକ ଯାତ୍ରୀ ବିଶ୍ରାମଗାରର ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଏହି ବିଶ୍ରାମଗାର ମଧ୍ୟ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଅନ୍ତର୍ଗତ ଉକ୍ତ ପ୍ରକଳ୍ପମାନ କାର୍ଯ୍ୟକାରୀ ହୋଇଛି। ସେହିପରି ଶନିବାର ମୁଖ୍ୟଅତିଥି ଶ୍ରୀ ମହାନ୍ତିଙ୍କ ଦ୍ୱାରା ୪ନଂ. ୱାର୍ଡ ଅନ୍ତର୍ଗତ କଚେରୀ ସମ୍ମୁଖ ଓ ଲାଲବଜାରଠାରେ ୧୦ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ ଅଟକଳରେ ନିର୍ମିତ ସ୍ମାର୍ଟ ପରିଶ୍ରାଗାର(ଲୁ) ଉଦଘାଟନ କରିଛନ୍ତି। ଏଥିସହିତ ୧୩ନଂ ୱାର୍ଡ ଷ୍ଟେସନ ବଜାର ଛକରେ ନୂତନ ସ୍ମାର୍ଟ ପରିଶ୍ରାଗାର (ଲୁ) ସମେତ ଯାତ୍ରୀ ପ୍ରତୀକ୍ଷାଳୟର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟିତ ହୋଇଥିବା ପରିସ୍ରାଗାର ଜନସାଧାରଣଙ୍କ ସେବାରେ ଉତ୍ସର୍ଗ କରାଯାଇଛି। ଏଥିସହିତ ଷ୍ଟେସନ ବଜାର ସ୍ଥିତ ହାଟ ନିକଟରେ ଏକ ୫-ସିଟେଡ଼ ହାଇବ୍ରିଡ଼ ଶୌଚାଳୟର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।




ଉକ୍ତ ଅତ୍ୟାଧୁନିକ ଶୌଚାଳୟ ଖୁବଶୀଘ୍ର ଜନସାଧାରଣଙ୍କ ବ୍ୟବହାର ପାଇଁ ନିର୍ମାଣ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ କାଉନସିଲର ମହେଶ ଭଞ୍ଜଦେଓ, କାଉନସିଲର ଦେବାଶିଷ ପାତ୍ର ଓ କାଉନସିଲର ଅନନ୍ତ ଦାସ ପ୍ରମୁଖଙ୍କ ସମେତ ବ୍ୟବସାୟୀ, ବୁଦ୍ଧିଜୀବି ଏବଂ ପୌର ଯନ୍ତ୍ରୀ ସଚ୍ଚିଦାନନ୍ଦ ଶତପଥୀ, ଯନ୍ତ୍ରୀ ଦେବାଶିଷ ସ୍ୱାଇଁ, ଲୋମାଜିନ ସାମଲ ପ୍ରମୁଖ ଯୋଗଦାନ କରିଥିଲେ।



# ନୂଆ ରାସ୍ତାକୁ ଖୋଳିଦେଉଛି ଜନସ୍ୱାସ୍ଥ୍ୟ ବିଭାଗ

**ବାଲେଶ୍ୱର, ୧୬।୩ (ସମିସ):**



ମାସ ମାସ ବିତୁଛି, ମରାମତି ହେଉନି

ବାଲେଶ୍ୱର ସହରରେ ନୂତନ ନିର୍ମାଣ ହେଇଥିବା କଂକ୍ରିଟ ଢଳେଇ ରାସ୍ତା ଗୁଡିକୁ ଜନ ସ୍ୱାସ୍ଥ୍ୟ ବିଭାଗ ମନଇଚ୍ଛା ଖୋଳି ପକାଉଛି। ଜନ ସାଧାରଣ ଅଭିଯୋଗ କଲେ, ଯଥା ଶୀଘ୍ର ମରାମତି କରାଯାଇ ପୂର୍ବଭଳି ରାସ୍ତା ଯେମିତି ଥିଲା, ସେମିତି କରିଦିଆ ଯିବ ବୋଲି ବିଭାଗୀୟ ଅଧିକାରୀ କହୁଛନ୍ତି। ମାତ୍ର ମାସ ପରେ ମାସ ବିତି ଯାଉଥିଲେ ବି ସମ୍ପୃକ୍ତ ବିଭାଗ ପକ୍ଷରୁ ରାସ୍ତାର ଖୋଳା ଯାଇଥିବା ସ୍ଥାନକୁ ମରାମତି କରାଯାଉ ନଥିବା ଦେଖାଯାଉଛି। ଏହାକୁ ନେଇ ସହର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି।

ବାଲେଶ୍ୱର ସହରର ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡରୁ ରେମୁଣା ଗୋଲାଇ ଅଭିମୁଖେ ଯାଇଥିବା ରାସ୍ତାର ସହଦେବଖୁଣ୍ଟା ଫାଣ୍ଡି ସମ୍ମୁଖ ଉତ୍ତର ପାଖ ରାସ୍ତାକୁ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ୨୦୨୩ ଜାନୁଆରୀ ମାସରେ ଖୋଳି ଦିଆଯାଇ ଥିଲା। ପ୍ରାୟ ସାଢ଼େ ସାତ କୋଟି ଟଙ୍କା ଅଟକଳରେ ନୂତନ ନିର୍ମାଣ ହୋଇଥିବା ରାସ୍ତାକୁ ଜନସ୍ୱାସ୍ଥ୍ୟ ବିଭାଗ ଖୋଳିବାକୁ ନେଇ ସେତେବେଳେ ସ୍ଥାନୀୟ ଲୋକେ ପ୍ରତିବାଦ କରିବା ଯୋଗୁଁ ସମ୍ପୃକ୍ତ ବିଭାଗୀୟ ଏକଜିକ୍ୟୁଟିଭ ଇଞ୍ଜିନିୟର କହିଥିଲେ, ତୁରନ୍ତ ରାସ୍ତା ମରାମତି କରାଯାଇ ପୂର୍ବର ରାସ୍ତା ଭଳି ନିର୍ମାଣ କରି ଦିଆଯିବ। ହେଲେ ଏହା ମଧ୍ୟରେ ବର୍ଷେ ବିତିଗଲାଣି। କିନ୍ତୁ ଖୋଳା ଯାଇଥିବା ସ୍ଥାନକୁ ଜନ ସ୍ୱାସ୍ଥ୍ୟ ବିଭାଗ ମରାମତି କରି ନଥିବା ଦେଖାଯାଇଛି। ବରଂ ରେମୁଣା ଗୋଲାଇ ଆଡକୁ ଯାଇଥିବା ରାସ୍ତାର ସହଦେବଖୁଣ୍ଟା ଫାଣ୍ଡିଠାରୁ ବସ୍‌ଷ୍ଟାଣ୍ଡ ମଧ୍ୟରେ ୫/୬ଟି ସ୍ଥାନରେ ଜନ ସ୍ୱାସ୍ଥ୍ୟ ବିଭାଗ ଚଳିତ ମାସ ଖୋଳି ଦେଇ କାମ କରିସାରିଲା ପରେ ମାଟି ଢାଙ୍କିଦେଇଛି। ସେହିଭଳି ନୂଆ ନିର୍ମାଣ ହେଇଥିବା ଚାନ୍ଦମାରି ପଡ଼ିଆ ରାସ୍ତାର ବିଭିନ୍ନ ସ୍ଥାନରେ ଜନ ସ୍ୱାସ୍ଥ୍ୟ ବିଭାଗ ଖୋଳି ଦେଇ ମାଟି ଢାଙ୍କି ଦେଇଛି। ହେଲେ ସ୍ଥାୟୀ ମରାମତି କରିବାର ନାଁ ଗନ୍ଧ ଧରୁନାହିଁ। ବାଲେଶ୍ୱର ସହରର ରାସ୍ତା ଗୁଡିକ ଗତ ତିନି ବର୍ଷ ମଧ୍ୟରେ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ନୂତନ ଭାବେ ନିର୍ମାଣ କରାଯାଇଛି। ଏହି ରାସ୍ତା ଗୁଡିକ ନିର୍ମାଣ ହେବା ପୂର୍ବରୁ ଏବଂ ରାସ୍ତା କାର୍ଯ୍ୟ ଚାଲିଥିବା ସମୟରେ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଟି ଖୋଳି ନୂତନ ପାଇପ ଲାଇନ ବିଛାଇ ପାରିଥାଆନ୍ତେ। ମାତ୍ର ସମ୍ପୃକ୍ତ ବିଭାଗ ତାହା କରିବା ପରିବର୍ତ୍ତେ ନୂତନ ରାସ୍ତା ନିର୍ମାଣ ହେଇଯିବା ପରେ ରାସ୍ତାକୁ ଖୋଳି ପାଇପ ଲାଇନ ବିଛାଉ ଥିବା ନେଇ ଜନ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ବାଲେଶ୍ୱରର ଜଣାଶୁଣା ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ଏବାବଦରେ କହିଛନ୍ତି, ଜନ ସ୍ୱାସ୍ଥ୍ୟ ବିଭାଗର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅପରିଣାମୀ ଦର୍ଶିତା ପାଇଁ ନୂଆ ନିର୍ମାଣ ହେଇଥିବା ରାସ୍ତା ଗୁଡିକୁ ବାରମ୍ବାର ଖୋଳି ନଷ୍ଟ କରାଯାଉଛି। ଏହା ଫଳରେ ଅଯଥାରେ ସରକାରକାରଙ୍କ ରାଜକୋଷରୁ ଅର୍ଥ ଅପଚୟ ହେଉଛି ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି। ସେହିଭଳି ଚାନ୍ଦମାରିପଡ଼ିଆ ଅଞ୍ଚଳର ବାସିନ୍ଦା ତଥା ଜିଲ୍ଲା ବାର ଆସୋସିଏସନ ର ସଭାପତି ମନୋଜ କୁମାର ନାୟକ କହିଛନ୍ତି, ନୂତନ ରାସ୍ତାକୁ ଖାମ ଖିଆଲି ଭାବେ ଖୋଳିଦେଇ ନଷ୍ଟ କରୁଥିବା ଜନ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନଙ୍କର ନାଗରିକତ୍ୱ ଜ୍ଞାନ ନଥିଲାବେଳେ ସେମାନଙ୍କ ବାବଦରେ ଅଧିକ କିଛି କହିହେବ ନାହିଁ।ରାସ୍ତା ଖୋଳିବା ପାଇଁ ଜନ ସ୍ୱାସ୍ଥ୍ୟ ବିଭାଗ କାହାଠାରୁ ଅନୁମତି ନେଇଥିଲା। ରାସ୍ତା ନିର୍ମାଣ କରିଥିବା ବିଭାଗ କିମ୍ବା ପୌର କର୍ତ୍ତୃପକ୍ଷଙ୍କ ଅନୁମତି ନନେଇ ଯେଉଁଭଳି ନୂତନ ନିର୍ମାଣ ହେଇଥିବା ରାସ୍ତା ଗୁଡିକୁ ଖୋଳି ନଷ୍ଟ କରିଛନ୍ତି, ତାହା ତାଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ଉଠାଉଛି ବୋଲି ଶ୍ରୀ ନାୟକ କହିଛନ୍ତି। ମାତ୍ର ଜନସ୍ୱାସ୍ଥ୍ୟ ବିଭାଗର ଏକଜିକ୍ୟୁଟିଭ ଇଞ୍ଜିନିୟର ନବୀନ ସିଂଙ୍କୁ ରାସ୍ତା ଖୋଳାଯିବା ବାବଦରେ ପଚାରିବାରୁ, ତୁରନ୍ତ ରାସ୍ତା ମରାମତି କରାଯାଇ ପୂର୍ବଭଳି କରି ଦିଆଯିବ ବୋଲି କହିଛନ୍ତି। ବର୍ଷେ ତଳେ ଖୋଳିଥିବା ରାସ୍ତାକୁ ମରାମତି କରାଯାଇ ନଥିବା ବାବଦରେ ପଚାରିବାରୁ ଶ୍ରୀ କୁହନ୍ତି, ଯେଉଁ ଠିକାଦାରଙ୍କୁ ମରାମତି ପାଇଁ କାର୍ଯ୍ୟାଦେଶ ଦିଆଯାଇ ଥିଲା ସେ କାମ କଲା ନାହିଁ। ବର୍ତ୍ତମାନ ଅନ୍ୟ ଜଣେ ଠିକାଦାରଙ୍କୁ ଖୋଳା ଯାଇଥିବା ସ୍ଥାନ ଗୁଡିକର ମରାମତି କରିବା ପାଇଁ ଦିଆଯାଇଛି। ସେ ଆଗାମୀ ସପ୍ତାହରେ ମରାମତି କରିଦେବ ବୋଲି ଶ୍ରୀ ସିଂ କହିଛନ୍ତି। ବର୍ତ୍ତମାନ ଅସରାଏ ବର୍ଷା ହେବା ମାତ୍ରେ ରାସ୍ତାର ଖୋଳା ଯାଇଥିବା ସ୍ଥାନ ଗୁଡିକ ପାଣି ଜମି ରହି କାଦୁଅ ପଚପଚ ହେଉଛି। ବର୍ଷା ହେବା ପରେ ଏହି ରାସ୍ତାରେ ଯାଉଥିବା ଅନେକ ବାଇକ ଚାଳକ ଅଜାଣତରେ ଏହି ଖୋଳା ଯାଇଥିବା ଗର୍ତ୍ତରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଅସନ୍ତୋଷ ସ୍ଥାନୀୟ ଜନ ସାଧାରଣ ରାଜରାସ୍ତାକୁ ଓହ୍ଲାଇବା ପୂର୍ବରୁ ଯଥା ଶୀଘ୍ର ଜନସ୍ୱାସ୍ଥ୍ୟ ବିଭାଗ ରାସ୍ତା ନିର୍ମାଣ କରିଦେବା ଉଚିତ ହେବ ବୋଲି ସଚେତନ ନାଗରିକ ମାନେ ଚେତାବନୀ ଦେଇଛନ୍ତି।

## ସୂଚନା ଓ ଲୋକସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପ-ନିର୍ଦ୍ଦେଶକଙ୍କ ବାଲେଶ୍ୱର ଗସ୍ତ



**ବାଲେଶ୍ୱର, ୧୬।୩(ସମିସ):** ସୂଚନା ଓ ଲୋକ ସମ୍ପର୍କ ବିଭାଗ (କେନ୍ଦ୍ରାଞ୍ଚଳ) ଉପ-ନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଦୁଇଦିନିଆ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ସମସ୍ତ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ସମସ୍ତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଛନ୍ତି। ଏଥି ସହିତ ଜିଲ୍ଲା ସଦର ମହକୁମାଠାରେ ଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କର୍ମଚାରୀ ମାନଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ଏକ ବୈଠକ ମାଧ୍ୟମରେ ସୂଚନା ଦେଇଛନ୍ତି। ଗସ୍ତର ପ୍ରଥମ ଦିନରେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସହିତ ସିମୁଳିଆସ୍ଥିତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରି ମନ୍ତବ୍ୟ ପ୍ରଦାନ କରିଥିଲେ। ଗସ୍ତବେଳେ ଶ୍ରୀ ନାୟକ ବାଲେଶ୍ୱରସ୍ଥିତ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ନିରୀକ୍ଷଣ କରିଥିଲେ। କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଚାଲିଥିବା ଅବଗତ ହୋଇ ଶ୍ରୀ ନାୟକ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଆହୁରି ଉନ୍ନତ ପ୍ରଣାଳୀରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାବାଦ ଉପନିର୍ଦ୍ଦେଶକ ଜଳେଶ୍ୱରସ୍ଥିତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଥିଲେ। ଗସ୍ତର ଦ୍ୱିତୀୟ ଦିନରେ ଶ୍ରୀ ନାୟକ ନୀଳଗିରି ସ୍ଥିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସୂଚନା କେନ୍ଦ୍ର ତଥା ପାଠାଗାରର ନିରୀକ୍ଷଣ କରିଥିଲେ। ଏହି ନିରୀକ୍ଷଣ କାର୍ଯ୍ୟ ସମୟରେ ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଉପସ୍ଥିତ ଥିଲେ।

## ୫ ଫୁଟର ନାଗ ଉଦ୍ଧାର



**ଖନ୍ତାପଡ଼ା, ୧୬।୩ (ସମିସ):** ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅର୍ନ୍ତଗତ ବରପଦା ଗ୍ରାମର ବସନ୍ତ ବାରିକଙ୍କ ବାଡିରୁ ଆଜି ସକାଳେ ଏକ ୫ଫୁଟର ବିଶାଳ ନାଗ ସାପ ଉଦ୍ଧାର କରାଯାଇଛି। ସାପ ଧରାଳି କାର୍ତ୍ତିକ ବେହେରା ସାପଟିକୁ ଉଦ୍ଧାର କରି ନୀଳଗିରି କୁଲଡ଼ିହା ଅଭୟାରଣ୍ୟରେ ଛାଡ଼ିଦେଇଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ତଦାନ ଶିବିର




**ବଳରାମପୁର, ୧୬।୩ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତରେ ଥିବା ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ରେ ରୋଟାରୀ କ୍ଲବ ବାଲେଶ୍ୱର ଏବଂ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ନୂଆଗାଁ ଆନୁକୂଲ୍ୟରେ ଏକ ବିରାଟ ରକ୍ତଦାନ ଓ ମଧୁମେହ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରକୁ ରୋଟାରି କ୍ଲବ ସମ୍ପାଦକ ସୁଧାଂଶୁ ପଣ୍ଡା ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିଶୁ ମନ୍ଦିରର ସମ୍ପାଦକ ରଞ୍ଜନ କୁମାର ବେହେରା ରକ୍ତଦାନ କରିବା ଭଳି ମହତ ଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ରୋଟାରୀୟାନ ଚିତ୍ତ ରଞ୍ଜନ ନାୟକଙ୍କ ସହଯୋଗରେ ଏହି ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଶିଶୁ ମନ୍ଦିରର ପରିଚାଳନା କମିଟିର ସଦସ୍ୟଙ୍କ ସହିତ ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା, ବରିଷ୍ଠ ଗୁରୁଜୀ ଗଦାଧର ବେହେରା, ପରମାନନ୍ଦ ପରିଡ଼ା, ନିଆସି ରଞ୍ଜିତ, ଅଶୋକ ଦାସ, ସାଇ ବିକାଶ ବେହେରା, ଉମାଶଙ୍କର ପଣ୍ଡା, ଧରଣୀଧର ନାୟକ, ଗୁରୁମା ଆଞ୍ଜୁବାଳା ମିଶ୍ରି, ରଶ୍ମିତା ପାଢ଼ୀ, ସରସ୍ୱତୀ ଅଣ୍ଡିଆ, ରଶ୍ମିତା ରାଉତ, ଜୟନ୍ତୀ ଦାସ, ଶାନ୍ତିଲତା ଜେନା, ସାବିତ୍ରୀ ପଣ୍ଡା, ରଶ୍ମିତା ପ୍ରଧାନ, ସରସ୍ୱତୀ ସାମନ୍ତରାୟ, ଛବିରାଣୀ ପରିଡ଼ା ଏବଂ ବିଦ୍ୟାଳୟର ଅନ୍ୟ କର୍ମକର୍ତ୍ତା ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଏହି ଅବସରରେ ସାମ୍ବାଦିକ ପ୍ରଭାତ କୁମାର ଦାସ, ସଞ୍ଜୟ କୁମାର ଗିରି, ସାମ୍ବାଦିକା ପ୍ରତିମା ଜେନା ଉପସ୍ଥିତ ରହି ଶିବିରକୁ ଆସିଥିବା ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସମାଜସେବୀ ଗୋବିନ୍ଦ ବେହେରା, ଅଞ୍ଜନ ବେହେରା, ଶିବ ପ୍ରସାଦ ବେହେରା, ବିରସେନ ବେହେରା, ରାମକୃଷ୍ଣ ବିଶ୍ୱାଳ, ପ୍ରମୁଖ ଯୋଗଦାନ କରିଥିଲେ। ଏହି ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ନୂଆ ରିଙ୍ଗ୍‌ରୋଡ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଜଳେଶ୍ୱର ବ୍ଲକ, ୧୬।୩ (ସମିସ) :** ଲକ୍ଷ୍ମଣନାଥଠାରେ ରିଙ୍ଗ ରୋଡ କୁ ନଦୀବନ୍ଧ ଉପରେ କରିବାକୁ ଦାବି କରି କୋର୍ଟରେ ଆଶ୍ରୟ ନେଲେ ଗ୍ରାମବାସୀ। ଲକ୍ଷ୍ମଣନାଥର ପଶ୍ଚିମ ପାର୍ଶ୍ୱରେ ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକ ମାନଙ୍କର ଚାଷଜମି, ପାଳ ଜମି ଓ ଘରଦ୍ୱାର ରହିଛି। ଏବେ ଉକ୍ତ ରାସ୍ତାକୁ ସରକାର ବହୁମୁଖି ନଦୀବନ୍ଧ ଯୋଜନାରେ ସାମିଲ କରାଯାଇ ଉକ୍ତ ନଦୀବନ୍ଧକୁ ରିଙ୍ଗ ରୋଡରେ ପରିଣତ କରି କାର୍ଯ୍ୟ ଆରମ୍ଭ ହୋଇଛି। କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଭାଗୀୟ ଜେଇ ଓ ଅମିନ ମାନେ ଆସି ମାପଚୁପ କରିଥିବା ବେଳେ ନଦୀ ବନ୍ଧକୁ ଛାଡି ନଦୀବନ୍ଧ ପାର୍ଶ୍ୱରେ ଥିବା ଅଣ ଓସାରିଆ ରାସ୍ତା ଉପରେ ରିଙ୍ଗ ରୋଡ ନିର୍ମାଣ ହେବାର ସୂଚନା ଦେଇଛନ୍ତି। ଯଦି ପୁରୁଣା ନଦୀ ବନ୍ଧକୁ ବାଦ ଦିଆଯାଇ ରିଙ୍ଗ ରୋଡ ନିର୍ମାଣ ହୁଏ, ତେବେ ଭବିଷ୍ୟତରେ ଅନେକ ଲୋକ ବାସହରା ହେବା ସୁନିଶ୍ଚିତ ବୋଲି ଗ୍ରାମବାସୀ ବିଭାଗୀୟ ଅଧିକାରୀ, ଜିଲ୍ଲାପାଳ, ଚିଫ୍ ସେକ୍ରେଟାରୀ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ପରନ୍ତୁ ଠିକାଦାର କାର୍ଯ୍ୟ ଆରମ୍ଭ କରିବା ଜାଣି ଗ୍ରାମବାସୀ ମାନେ ଆଜି କୋର୍ଟରେ ଆଶ୍ରୟ ନେଇଥିବା କହିଛନ୍ତି।

## ମନ୍ଦିର ବାର୍ଷିକ ଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର



**ଭୋଗରାଇ, ୧୬।୩ (ସମିସ):** ଭୋଗରାଇ ବ୍ଲକ ପାଣିଷଣ୍ଡା ପଞ୍ଚାୟତ ଅନ୍ତର୍ଗତ ସୁଖଷଣ୍ଡା ସୀତାରାମ ଓ ହନୁମାନ ମନ୍ଦିରର ୨୨ ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଶ୍ରୀ ଜଗନ୍ନାଥ କ୍ଲବ ଏବଂ ସୁଖଷଣ୍ଡା ଗ୍ରାମବାସୀଙ୍କ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁଖଷଣ୍ଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରୁ ସମୁଦାୟ ୬୫ ୟୁନିଟ ରକ୍ତ ସଂଗୃହିତ ହୋଇଛି। ସମ୍ମାନିତ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ମନ୍ଦାରସାହି ସରପଞ୍ଚ ମମତା ସାହୁ, ସ୍ଥାନୀୟ ସରପଞ୍ଚ ଅନୀତା ଜେନା, ବ୍ଲକ ରକ୍ତଦାତା ସଂଘ ସଭାପତି ଅଧୀର ଗିରି ଗୋସ୍ୱାମୀ, କବି ଶ୍ରୀକୁମାର ଘୋଷ, ଜାମସେଦ ଅଲ୍ଲୀ ଖାଁ, ଅଜୟ ବେହେରା, ପୂର୍ବତନ ଦେଉଳା ସରପଞ୍ଚ ଅରୁଣ ପ୍ରଧାନ, ପୂର୍ବତନ ମନ୍ଦାରସାହି ସରପଞ୍ଚ ସେକ ଅବଦୁଲ ମଜିଦ, ପୂର୍ବତନ ପାଣିଷଣ୍ଡା ସରପଞ୍ଚ ରାଜୀବ ଲୋଚନ ତୋଳା ଓ ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ଜୟନ୍ତ ତୋଳା, ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, ଉପଦେଷ୍ଟା ପ୍ରଦୀପ ଦାସ, ସାମ୍?ାଦିକ ବିଶ୍?ଜିତ ମହାନ୍ତି ଓ ସୁରେଶ ମହାନ୍ତି ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ଜନସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉତ୍ତର କୁମାର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ବାଲେଶ୍ୱର ରକ୍ତ ଭଣ୍ଡାରର ଟେକନିସିଆନ ଟିମ୍ ରକ୍ତ ସଂଗ୍ରହ କରିଥିଲେ। କ୍ଲବର ସଦସ୍ୟ ଜିତେନ୍ଦ୍ର ବେହେରା, ରାଜୀବ ଗିରି, ଜଗନ୍ନାଥ ବେହେରା, ଧର୍ମଦେବ ତୋଳା, ବିକାଶ ଗିରି, ଜଗନ୍ନାଥ ତୋଳା, ସୁଶୀଲ ବାଣୁଆ, ଦୟାନିଧି ମହାକୁଡ଼, ନିଖିଳ ତୋଳା, ପ୍ରବୀର ତୋଳା, ଦୀପକ ନାଥ, ଗୌତମ ମହାକୁଡ଼, ପୂର୍ଣ୍ଣଚନ୍ଦ୍ର ବେହେରା, ରତ୍ନାକର ସାହୁ, ଗଣେଶ ଗିରି, ଖଗେନ୍ଦ୍ର ତୋଳା, ଶିକ୍ଷୟିତ୍ରୀ ସଲମା ଖାତୁନ, ସାମ୍ବାଦିକ ଲକ୍ଷ୍ମୀଧର ବାରିକ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ରକ୍ତଦାତା ସଂଘ ପକ୍ଷରୁ ପ୍ରତ୍ୟେକ ରକ୍ତଦାତାଙ୍କୁ ଗୋଟିଏ ଲେଖାଏଁ ଗଛ ବଣ୍ଟନ କରାଯାଇଥିଲା ବେଳେ ଦେଉଳାହାଟ 'ଆମ ଲୁଗା ଦୋକାନ ତଥା ଶ୍ରୀକୃଷ୍ଣ ବସ୍ତ୍ରାଳୟ'ର ମୁଖ୍ୟ ଅରବିନ୍ଦ ତୋଳା ମଧ୍ୟ ପ୍ରତ୍ୟେକ ରକ୍ତଦାତାଙ୍କୁ ଗୋଟିଏ ଲେଖାଏଁ ବିଛଣା ଚାଦର ଓ ଆକର୍ଷଣୀୟ ଉପହାର ପ୍ରଦାନ କରିଥିଲେ।

## ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଆବିର୍ଭାବ ଉତ୍ସବ




**ଭୋଗରାଇ, ୧୬।୩ (ସମିସ) :** ପ୍ରେମ ଯୁଗେ ଯୁଗେ ଚିର ଭାସ୍କର ଓ ଚିର ଶାଶ୍ୱତ। ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାଣୀରେ ରହିଛି କେବଳ ପ୍ରେମ ଓ ମଣିଷକୁ ଭଲ ପାଇବା। ଏହି ପ୍ରେମ, ଭଲପାଇବା ଏବଂ ଠାକୁରଙ୍କ ମହତବାଣୀ ମାଧ୍ୟମରେ ସମାଜ ସଂସ୍କାର ଅବଶ୍ୟମ୍ଭାବୀ ବୋଲି ଭୋଗରାଇ ବ୍ଲକ ଅନ୍ତର୍ଗତ ଦେଉଳା ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ଆୟୋଜିତ ଯୁଗ ପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ ତମ ପୁଣ୍ୟ ଆବିର୍ଭାବ ଉତ୍ସବ ଓ ମହା ମହୋତ୍ସବ ସମାରୋହରେ ଯୋଗ ଦେଇ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଦେଉଳା ସତସଙ୍ଗ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି ଉତ୍ସବ ସମାରୋହରେ ସତସଙ୍ଗ କେନ୍ଦ୍ର ମୁଖ୍ୟ ସହପ୍ରତି ରିତ୍ୱିକ ଈଶ୍ୱର ଚନ୍ଦ୍ର ଗିରି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଶ୍ଚିମବଙ୍ଗ ଖିଦିରପୁର ସତସଙ୍ଗ କେନ୍ଦ୍ର ମୁଖ୍ୟ ରିତ୍ୱିକ ଅମଲ କୁମାର ସାମଲ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ସତସଙ୍ଗ କେନ୍ଦ୍ର ମୁଖ୍ୟ ରିତ୍ୱିକ ନୃସିଂହ ଚନ୍ଦ୍ର ସାଁ, ସମ୍ମାନିତ ବକ୍ତା ଭାବେ କମର୍ଦ୍ଦା ସତସଙ୍ଗ କେନ୍ଦ୍ର ମୁଖ୍ୟ ରିତ୍ୱିକ ପାର୍ଥସାରଥୀ ଘୋଷାଲ, ରିତ୍ୱିକ ବଙ୍କିମ ଚନ୍ଦ୍ର ପାଳ, ରିତ୍ୱିକ ସୁଶୀଲ ବେରା, ପଶ୍ଚିମବଙ୍ଗ ପାନିପାରୁଲ ସତସଙ୍ଗ କେନ୍ଦ୍ର ମୁଖ୍ୟ ବିମଳ ପରିଡ଼ା, ଅଧର୍ଯ୍ୟୁ କର୍ମୀ ପ୍ରଫୁଲ୍ଲ କୁମାର ଜେନା, ସପନ କୁମାର ପଣ୍ଡା ଓ ଅରୁଣ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଯୁଗ ପରିବର୍ତ୍ତନ ଓ ସମାଜକୁ ଶୃଙ୍ଖଳିତ କରିବା କ୍ଷେତ୍ରରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମହତ ବାଣୀ ଓ ସତସଙ୍ଗ ବିଶେଷ ଗୁରୁତ୍ୱ ବହନ କରେ ବୋଲି ମତବ୍ୟକ୍ତ କରିଥିଲେ। ଆଲୋକ ସାମଲ ମଞ୍ଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଭଗୀରଥ ପୁଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଶନିବାର ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ମେଡିଟେସନ ଓ ପ୍ରାତଃ ବିନତୀ ପ୍ରାର୍ଥନା, ନାମଜପ ଓ ଧର୍ମଗ୍ରନ୍ଥାଦି ପାଠ ହୋଇଥିଲା। ପରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସୁସଜ୍ଜିତ ପ୍ରତିକୃତି ସହିତ ବିଭିନ୍ନ ପାରମ୍ପରିକ ବାଦ୍ୟ, ଝାଞ୍ଜ, ମୃଦଙ୍ଗ, ଶଙ୍ଖ ହୁଳହୁଳି ତାଳେ ତାଳେ ଏକ ବିଶାଳ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଶହ ଶହ ମହିଳା ଓ ପୁରୁଷ ଅନୁଗାମୀ ଭକ୍ତ ଶ୍ରଦ୍ଧାଳୁ ମାନେ ମହା ସଂକୀର୍ତ୍ତନ ସହିତ ନଗର ପରିକ୍ରମା କରିଥିଲେ। ମଧ୍ୟାହ୍ନରେ ଆନନ୍ଦ ବଜାରରେ ବିଶାଳ ଅନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଦେଉଳା ସତସଙ୍ଗ କେନ୍ଦ୍ରର ହରିପଦ ମହାନ୍ତି, ସୁନୀଲ ପାତ୍ର, ସୁଧୀର ମହାନ୍ତି, ସତ୍ୟନାରାୟଣ ପାତ୍ର, ସୁବଳ ଚନ୍ଦ୍ର ମହାନ୍ତି, ଗଣପତି ପାତ୍ର, ସୁଦୀପ କାମିଲା, ଚନ୍ଦନ ପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖଙ୍କ ସମେତ ସତସଙ୍ଗ କେନ୍ଦ୍ରର ସଦସ୍ୟମାନେ ପରିଚାଳନା କରିଥିଲେ। ଏଥିରେ ସମଗ୍ର ଭୋଗରାଇ ସମେତ ପଡୋଶୀ ପଶ୍ଚିମବଙ୍ଗରୁ ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ହଜାର ହଜାର ଅନୁଗାମୀ ଭକ୍ତ ଏଥିରେ ଅଂଶଗ୍ରହଣ କରିଥିଲେ।

## ଅଡ଼ାରେ କଂଗ୍ରେସ ସମାବେଶ

**ଖଇରା/ ସିମୁଳିଆ, ୧୬।୩ (ସମିସ):** ବାଲେଶ୍ୱର ଜିଲା ଖଇରା ସିମୁଳିଆ ସୀମାନ୍ତବର୍ତ୍ତୀ ଅଡା ଦମକଳ ଅଫିସ ପଡ଼ିଆରେ କଂଗ୍ରେସର ପରିବର୍ତ୍ତନ ସମାବେଶ ଆୟୋଜିତ ହୋଇ ଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ଏକ ବାଇକ ଶୋଭାଯାତ୍ରାରେ ରାଣିତାଲରୁ ଅଡା ସଭାସ୍ଥଳକୁ ଅଣାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଶାଳ ଜନ ସମାବେଶକୁ ପିସିସି ସଭାପତି ଉଦ୍‌ବୋଧନ ଦେଇଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ୫ଶହ ଟଙ୍କାରେ ଗ୍ୟାସ ସିଲିଣ୍ଡର, ଚାଷୀଙ୍କୁ ପେନସନ, ଧାନର ସହାୟକ ମୁଲ୍ୟ ୩ ହଜାର, ୨ଶହ ୟୁନିଟ ବିଦ୍ୟୁତ ଛାଡ, ବର୍ଷକୁ ୫ଲକ୍ଷ ନିଯୁକ୍ତି ଭଳି ଦେଇଥିବା ୧୦ଗ୍ୟାରେଣ୍ଟି ନିଶ୍ଚୟ ପୂରଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ସାଂସଦ ପ୍ରାର୍ଥୀନୀ ମଧୁମିତା ସେଠୀ, ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ, ଖଇରା ବ୍ଲକ କଂଗ୍ରେସ ସଭାପତି ଶରତ ଦାସ, ସିମୁଳିଆ ବ୍ଲକ କଂଗ୍ରେସ ସଭାପତି ଅନିରୁଦ୍ଧ ବେହେରା, ସିମୁଳିଆ ନିର୍ବାଚନ ମଣ୍ଡଳୀ ସଭାପତି ନିରଞ୍ଜନ ପରିଡ଼ା, ଛାତ୍ର କଂଗ୍ରେସ ସଭାପତି ବରେନ୍ଦ୍ର କୁଅଁର ଓ ଗଣେଶ ସାହୁ, ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ାଶରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

**ବାଲିଆପାଳ, ୧୬।୩(ସମିସ) :**




ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତରେ ଆଜି ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ସଭାପତି ତଥା ବରିଷ୍ଠ ନେତା ଚକ୍ରଧର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଶାଳ କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଆସନ୍ତା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ରମାଗତ ଭାବେ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ସହ ତୃଣମୂଳ ସ୍ତରରେ ସରକାରଙ୍କ ବିକାଶର ବାର୍ତ୍ତା ପହଞ୍ଚାଇ, ସଂଗଠନକୁ ଆହୁରି ମଜଭୁତ କରିବା ଦିଗରେ ଏକାଠି ହୋଇ କାମ କରିବା ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଗୁରୁଜନ, ମା' ମାଉସୀ, ଭାଇଭଉଣୀ ମାନଙ୍କୁ ଅବଗତ କରାଇ ତୃଣମୂଳ ସ୍ତରରେ ଘରେ ଘରେ ବିକାଶର ବାର୍ତ୍ତାକୁ ପହଞ୍ଚାଇ, ସଂଗଠନକୁ ଆହୁରି ମଜଭୁତ କରିବା ଦିଗରେ ଏକାଠି ହୋଇ କାମ କରିବା ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଏହି ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ବହୁ ବିଜେପି ଓ କଂଗ୍ରେସ ଦଳ ଛାଡ଼ି ନେତା ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଶ୍ରୀ ଜେନା ଏବଂ ଶ୍ରୀମତୀ ଜେନା ଦଳୀୟ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ୨୩ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ଜିଲ୍ଲା ଛାତ୍ର ସଭାପତି ସୀମନ ଦାସ ମହାପାତ୍ର, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ପ୍ରତାପପୁର ସରପଞ୍ଚଙ୍କ ପ୍ରତିନିଧି ଅଜୟ ପାତ୍ର, ବେଣୁଧର ମଣ୍ଡଳ, ସାର୍ଥକ ରଣଜିତ୍, ଅନନ୍ତ କରଣ, ଜୟନ୍ତ ଦତ୍ତ, ଲକ୍ଷ୍ମୀକାନ୍ତ ଦେ, ନିତ୍ୟାନନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ମନ୍ମଥ ଗିରି ପ୍ରମୁଖ ଦଳର ବରିଷ୍ଠ ନେତୃବୃନ୍ଦ ଓ ଶହ ଶହ ପୁରୁଷ ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

## ଗଡ଼ବାନ୍ଧଗୋଡ଼ା, ଅଳତି ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ



**ରାମଚନ୍ଦ୍ରପୁର,୧୬।୩(ସମିସ):** ଘସିପୁରା ନିର୍ବାଚନ ମଣ୍ଡଳିର ସବୁଠାରୁ ଉତ୍ତେଜନା ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା ଗଡ଼ବାନ୍ଧଗୋଡ଼ା ଓ ପଡ଼ୋଶୀ ଅଳତି ପଞ୍ଚାୟତରେ ଶୁକ୍ରବାର ଅପରାହ୍ନରେ ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ବ୍ୟାପକ ପାରା ମିଲିଟାରୀ ପୁଲିସ ଫୋର୍ସ ଫ୍ଲାଗମାର୍ଚ୍ଚ କରିଛନ୍ତି। ରାମମଚନ୍ଦ୍ରପୁର ଥାନା ଅଧିକାରୀ ବିଜୟ କୁମାର ସିଂ, ଏସଆଇ ରବିନ୍ଦ୍ର ମୁଣ୍ଡାରୀ, ଧର୍ମେନ୍ଦ୍ର ମହାପାତ୍ର, ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶଚନ୍ଦ୍ର ମାଝୀ ସମେତ ଅନେକ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ସହ ନିର୍ବାଚନକୁ ଅବାଧ ଏବଂ ଶାନ୍ତିପୂର୍ଣ୍ଣ କରିବା ଲକ୍ଷରେ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ରାମଚନ୍ଦ୍ରପୁର ଥାନା ଅଧୀନ ଗଡବାନ୍ଧଗୋଡା ପଞ୍ଚାୟତଟି ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ନିଜ ପଞ୍ଚାୟତ।

## ଘର ଭିତରୁ ଗୋଖର ସାପ ଉଦ୍ଧାର

**ହାଟଡ଼ିହୀ,୧୬।୩(ସମିସ):** ହାଟଡିହୀ ବ୍ଲକ୍ ବଡ଼ରମ୍ପାସ ଗ୍ରାମର ସନ୍ତୋଷ କୁମାର ଦୀକ୍ଷିତଙ୍କ ଘରେ ଆଜି ପୂର୍ବାହ୍ନରେ ୫ଫୁଟ୍ ଲମ୍ବ ବିଶିଷ୍ଟ ଏକ ଗୋଖର ସାପ ପଶିଥିଲାଫ ପରିବାର ଲୋକେ ସାପକୁ ଦେଖି ଭୟଭୀତ ହୋଇ ସହାୟତା ଲୋଡ଼ି ହଦଗଡ଼ ବନବିଭାଗକୁ ଖବର ଦେବାରୁ ଘଟଣାସ୍ଥଳରେ ବନବିଭାଗର ସବୁଜ ବାହିନୀ କମର୍ଚାରୀ ଦୁର୍ଯ୍ୟୋଧନ ପାଢ଼ୀ ଓ ପରମାନନ୍ଦ ମୁଣ୍ଡା ପହଞ୍ଚି ଦୀର୍ଘ ସମୟର ଚେଷ୍ଟା ପରେ ସାପକୁ ଧରିଥିଲେ। ପରେ ଉକ୍ତ ବିଷଧର ଗୋଖର ସାପକୁ ହଦଗଡ଼ ଅଭୟାରଣ୍ୟର ଗଡ଼ଚଣ୍ଡୀ ଜଙ୍ଗଲରେ ଛାଡ଼ିଥିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି।

## କାଳ ବୈଶାଖୀରେ ଉଡ଼ିଲା ଛପର



**ସୋସୋ,୧୬।୩(ସମିସ):** ହାଟଡିହୀ ବ୍ଲକର ଗତକାଲି ରାତିରେ କାଳବୈଶାଖୀ ଝଡ ତୋଫାନରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସହିତ ଚାଳ ଛପର ଓ ଆଜ୍‌ବେଷ୍ଟସ୍ ଘର ଗୁଡିକ ଉଡ଼ାଇ ନେଇ ଭାଙ୍ଗି ଦେଇଛି। ଆଉ କିଛି ସ୍ଥାନରେ ବଡ଼ ବଡ଼ ଗଛ ପକ୍କା ଗୃହ ଉପରେ ପଡିରହିରହିଛି। ଅଗ୍ନିଶମ ବାହିନୀ ସକାଳେ ପହଞ୍ଚି କେତେକ ସ୍ଥାନରେ ଗଛ କାଟି ରାସ୍ତା ସଫଳ କରିଛଇ। ସୋସୋ ପଞ୍ଚାୟତର ବେରୁଣପଦି ଗ୍ରାମର ଗୋପିନାଥ ବେହେରାଙ୍କର ଆଜବେଷ୍ଟସ୍ ଘର ଉଡ଼ାଇ ନେଇ ଥିବା ବେଳେ ଅଁଳାଗଡ଼ିଆ ଗ୍ରାମର ରଘୁନାଥ ଆରୁକଙ୍କ ଛାତ ଘର ଉପରେ ଗଛ ପଡିଯାଇଥିଲା। ବାଲିଆ ଗ୍ରାମର କୁଳମଣି ବାରିକଙ୍କ ଆଜବେଷ୍ଟସ୍ ଘର ଓ ବିଶ୍ୱନାଥ ବାରିକଙ୍କ ଚାଳ ଘରକୁ ଉଡାଇ ନେଇଛି। ସେହିପରି ଜମ୍ବିରା ମରେଇଗାଁ ରାସ୍ତାର ଦୁଇ ପାଶ୍ୱର୍ର ବହୁ ଗଛର ଡାଳ ଭାଙ୍ଗି ପଡିଛି।

## ଜଳୁନି ଷ୍ଟ୍ରିଟଲାଇଟ୍; ମରାମତି ଦାବି



**ହାଟଡିହୀ,୧୬।୩(ସମିସ):** ହାଟଡିହୀ ବ୍ଲକ ସୁଲଣ ପଞ୍ଚାୟତ ଜଳସରପୁର ଗ୍ରାମର ବିଭିନ୍ନ ସ୍ଥାନରେ କିଛିମାସ ପୂର୍ବେ ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଥିଲା। ସେଥିରୁ ଅଳ୍ପ କେତୋଟି ଷ୍ଟାଣ୍ଡପୋଷ୍ଟରେ ଲାଇଟ୍ ଜଳୁଥିବା ବେଳେ ଅଧିକାଂଶ ସ୍ଥାନର ଲାଇଟ୍ ଗୁଡ଼ିକ ଆଦୌ ଜଳୁନାହିଁ। ଲାଇଟ୍ ଲଗାଇବାର ମାତ୍ର ୧ରୁ ୨ମାସ ମଧ୍ୟରେ ଅଧିକାଂଶ ଲାଇଟ୍ ସମ୍ପୂର୍ଣ୍ଣ ଭାବେ ଖରାପ୍ ହୋଇଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଲାଇଟ୍ ଗୁଡ଼ିକ ଖୁବ୍ ଅଳ୍ପ ଦିନ ମଧ୍ୟରେ ବନ୍ଦ୍ ହୋଇଯିବାରୁ ଲୋକେ ଏବେ ଅନ୍ଧାରରେ ଯା'ଆସ କରି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଲକ୍ଷାଧିକ ଟଙ୍କା ବ୍ୟୟବରାଦରେ ଲଗାଯାଇଥିବା ଲାଇଟ୍ ଅତି ଶସ୍ତା ଏବଂ ଖରାପ୍ କ୍ୱାଲିଟ୍ ହୋଇଥିବାରୁ ଏହା ଖୁବ୍ ଅଳ୍ପ ଦିନ ମଧ୍ୟରେ ଖରାପ୍ ହୋଇଯାଉଛି ବୋଲି ଗାଁ ଲୋକେ କହନ୍ତି। ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସେସବୁ ବନ୍ଦ୍ ଲାଇଟ୍ ଗୁଡ଼ିକର ମରାମତି ଯଥାଶୀଘ୍ର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବାଲିବରେଇରେ ଅଷ୍ଟପ୍ରହରୀ ନାମଯଜ୍ଞ

ସୋସୋ,୧୬।୩(ସମିସ): ହାଟଡିହୀ ବ୍ଲକ ବାଲିବରେଇ ଗ୍ରାମରେ ୧୪ତମ ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ସାଳନ୍ଦୀ ନଦୀରୁ କଳସ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଦୁର୍ଗାପ୍ରସାଦ ଆଇଚ, ହରିନାଥ ରାଉତ, କୈଳାଶ ଆୟଚ, ପ୍ରଳୟ ବେହେରା, କାର୍ତ୍ତିକ ସାମଲ, ଗୋଲକ ବିହାରୀ ବେହେରା, ପିଙ୍କୁ ଜେନା, ସରୋଜ ଜେନା ପ୍ରମୁଖ କଳସ ଆଣିଥିବା ବେଳେ ରିତିନିତି ଅନୁଯାଇ ପୂଜା ପାଠ କରାଯାଇଥିଲା।

### ବଡ଼କମଣ୍ଡରା ଗାଁ ହୋଇଛି ସ୍ୱାବଲମ୍ବୀ

# ରୋଜଗାରର ମାଧ୍ୟମ ସାଜିଛି ସୋଲା ଡାଳ

**କେନ୍ଦୁଝର,୧୬।୩(ସମିସ)**





କେନ୍ଦୁଝର ଜିଲ୍ଲାରେ ସୋଲା ଡାଳ ବିକ୍ରି ଓ ଖରିଦ ଅନ୍ୟ ଜିଲ୍ଲାମାନଙ୍କରେ ବିଶେଷ ଦେଖା ଯାଏନାହିଁ। ଏହି ସୋଲା ଡାଳ ବିକ୍ରିରୁ ଅନେକ ଲୋକ ରୋଜଗାର ମଧ୍ୟ କରୁଛନ୍ତି। ସାଧାରଣତଃ ସୋଲା ବା ନାକଚଣା ବା କଳାବୁଟକୁ ଲୋକେ ତରକାରୀ ଏବଂ ଅନ୍ୟାନ୍ୟ ଖାଦ୍ୟରେ ବ୍ୟବହାର କରନ୍ତି। କିନ୍ତୁ କେନ୍ଦୁଝର ଜିଲ୍ଲାରେ ଏହି ସୋଲା କଞ୍ଚା ଥିବା ବେଳେ ବହୁଳ ଭାବେ ବ୍ୟବହାର ହୋଇଥାଏ। ତେଣୁ ଏହାକୁ ଏକ ଲାଭଜନକ ଚାଷ ଭାବେ ଗ୍ରହଣ କରି ଗୋଟିଏ ଗାଁ ସଂପୂର୍ଣ୍ଣ ସ୍ୱାବଲମ୍ବୀ ହୋଇଛି। ମାତ୍ର ଏହି ଚାଷରେ ବେଳେ ବେଳେ ପାଣି ସମସ୍ୟା ସେମାନଙ୍କ ଆର୍ଥିକ ଉତ୍ଥାନରେ ବାଧକ ସାଜୁଛି।

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକର ବଡ଼କମଣ୍ଡରା ହେଉଛି ଏକ ଶୋଲା ଚାଷ ବହୁଳ ଗାଁ। ଏହି ବଡ଼ କମଣ୍ଡରା ଓ ସାନ କମଣ୍ଡରା ଗ୍ରାମର ଶହ ଶହ ଚାଷୀ ଏହି ଗାଁରେ ସୋଲା ଚାଷ କରିଥାନ୍ତି। ପ୍ରତ୍ୟେକ ବର୍ଷ ଖରିଫ ଧାନ ଅମଳ ପରେ ଏମାନେ ପ୍ରତିବର୍ଷ ସୋଲା ଚାଷ କରିଥାନ୍ତି। ବିଶେଷ କରି ଧାନକଟା ପରେ ଆର୍ଦ୍ର ଜମିରେ ଚାଷୀମାନେ ବିଲରେ ସୋଲା ବୁଣିଥାନ୍ତି। ଏହାକୁ ଜଗାରଖା ପରେ ଅଳ୍ପ ଖର୍ଚ୍ଚ କମ୍ ପରିଶ୍ରମରେ ଚାଷୀମାନେ ବେଶ କିଛି ଉପାର୍ଜନ କରିଥାନ୍ତି। ଶୁଖିଲା ସୋଲା ବିକ୍ରି କଲେ ଚାଷୀ କମ୍ ଲାଭବାନ ହେଉଥିବାରୁ ଚାଷୀମାନେ କଞ୍ଚା ସୋଲା ଗଛକୁ ବଜାରରେ ବିକ୍ରୟ କରିବାକୁ ଆଣିଥାନ୍ତି। ଏବେ ସୋଲା ଗଛ ବିଡ଼ା ୧୦/୨୦ଟଙ୍କା ରହିଛି। ସେଥିପାଇଁ କେନ୍ଦୁଝର ବଜାରକୁ ଆସୁଥିବା ପ୍ରତିଦିନ ଶହ ଶହ ବିଡ଼ା ସୋଲା ପ୍ରାୟତଃ ଏହି ବଡ଼ କମଣ୍ଡରା ଓ ସାନ କମଣ୍ଡରା ଗାଁରୁ ଆସିଥାଏ। ଏହି ଅଞ୍ଚଳର ଚାଷୀ ପ୍ରତ୍ୟେକ ଦିନ ସକାଳ ସମୟରେ ଅଟୋ ଓ ବାଇକ୍‌ରେ ଆସି କେନ୍ଦୁଝର ସହରର ନିଉ ମାର୍କେଟ ସମ୍ମୁଖ ରାସ୍ତା କଡ଼ରେ ବିକ୍ରୀ କରିଥାନ୍ତି। ପୂର୍ବଦିନ ଅପରାହ୍ନରେ ସୋଲା ଗଛ ଉପାଡିଥାନ୍ତି। ଅନେକ ଚାଷୀ ଭାରରେ ବୁଲି ବୁଲି କେନ୍ଦୁଝର ସହରରେ ଏହାକୁ ବିକ୍ରି କରିଥାନ୍ତି। କେନ୍ଦୁଝର ସହରରୁ ଚାଷୀଙ୍କ ଠାରୁ ସୋଲା ବିଡ଼ା କିଣି ବେପାରୀ ଅନ୍ୟ ଅଞ୍ଚଳ ସମେତ ଅନ୍ୟ ଜିଲ୍ଲାରେ ମଧ୍ୟ ବିକ୍ରି କରି ବେଶ ଲାଭବାନ ହୋଇଥାନ୍ତି। କଞ୍ଚା ସୋଲା ବେଶ ପୃଷ୍ଟିକର ହୋଇଥିବାରୁ ଏହାର ଚାହିଦା ମଧ୍ୟ ଅଧିକ ରହିଛି।

କିନ୍ତୁ ବେଳେ ବେଳେ ଚାଷ ଅଧିକ ପରିମାଣରେ ହେବାରୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୋଇଥାନ୍ତି। ଚଳିତ ବର୍ଷ ଏଭଳି ପରିସ୍ଥିତି ଉପୁଜିଛି। ଚଳିତବର୍ଷ ସୋଲା ଚାଷ ଅଧିକ ପରିମାଣରେ ହୋଇଥିବା କାରଣରୁ ସୋଲାର ଅଭାବୀ ବିକ୍ରି ଦେଖାଦେଇଛି। ଫଳରେ ଚାଷୀମାନେ ୧୦୦ଟଙ୍କାରେ ୧୫/୧୬ ବିଡ଼ା ସୋଲା ବେପାରୀମାନଙ୍କୁ ଦେଇ କ୍ଷତିଗ୍ରସ୍ତ ହେଉଥିବା ଜଣାପଡିଛି। ଏହା ସତ୍ତ୍ୱେ ଏହି ଗାଁ ସୋଲା ଚାଷର ଗାଁ ବୋଲି ସମସ୍ତେ ଜାଣନ୍ତି। ଏ ସଂପର୍କରେ ଏହି ଗ୍ରାମର ଚାଷୀ କୁହନ୍ତି ପ୍ରତିବର୍ଷ ଧାନ ଚାଷ କରିବା ପରେ ଜମି ପଡିଆ ପଡିଥାଏ। କିନ୍ତୁ ଏହି ସମୟରେ ଆମେ ସୋଲା ଚାଷ କରିଥାଉ। ସୋଲାକୁ ଶୁଖିଲା ଅପେକ୍ଷା କଞ୍ଚା ବିକିଲେ ଭଲ ଦି ପଇସା ମିଳିଥାଏ। ମାତ୍ର ବେଳେ ବେଳେ ଅଭାବୀ ବିକ୍ରି ଆମମାନଙ୍କୁ ଅସୁବିଧାରେ ପକାଥାଏ। ତଥାପି ପ୍ରତିବର୍ଷ ଏହି ସୋଲା ଚାଷରୁ ୧୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଚାଷୀ ରୋଜଗାର କରିଥାନ୍ତି ବୋଲି କହିଛନ୍ତି। ଗାଁ ନିକଟରେ ବଡ଼ କାଣୀଝର ଓ ଖେଡ଼ଆଡିହା ନାଳ ରହିଛି। ମାତ୍ର ଚେକ୍‌ଡ୍ୟାମ ନ ଥିବାରୁ ପାଣି ରହି ପାରୁନାହିଁ। ଏହା ହୋଇପାରିଲେ ଏଠାରେ ପରିବା ଚାଷ ସହିତ ସୋଲା ଚାଷ ମଧ୍ୟ ଅଧିକ ହୋଇ ପାରନ୍ତା ବୋଲି ଚାଷୀମାନେ ମତ ଦେଇଛନ୍ତି। ଅନ୍ୟ ପକ୍ଷରେ ତେନ୍ତଲାପଶି ପଞ୍ଚାୟତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବଡ଼କାଣୀଝର ଏବଂ ଖେଡ଼ିଆଡିହା ନାଳ ଉପରେ ଚେକ୍‌ଡ୍ୟାମ ପାଇଁ ଆନ୍ଦୋଳନ କରାଯାଇଛି। ଏହି ଦୁଇଟି ନାଳ ଉପରେ ଚେକ୍‌ଡ୍ୟାମ ହେଲେ ତେନ୍ତଲାପଶି, ଜୁଙ୍ଗା ଏବଂ ହୁଣ୍ଡା ଗ୍ରାମ ପଞ୍ଚାୟତର ୧୨ଟି ଗ୍ରାମର ୬୦୭ ହେକ୍ଟର ଚାଷ ଜମିରେ ଜଳସେଚନ ହୋଇପାରିବ ବୋଲି ଚାଷୀ କହିଛନ୍ତି।

## ଯାତ୍ରୀବାହୀ ବସ୍ ସହ ଟ୍ରେଲର୍ ଧକ୍କା; ୧୦ରୁ ଅଧିକ ଆହତ

**ଯୋଡ଼ା/ବଡ଼ବିଲ,୧୬।୩(ସମିସ):** ବଡ଼ବିଲ ଥାନା ଜାତୀୟ ରାଜପଥ ୫୨୦ ଭଦ୍ରାସାହି ଛକ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ଟ୍ରେଲର ସହ ବସ୍‌ର ଧକ୍କା ହେବାର ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି।





ବୈଷ୍ଣଦେବୀ ନାମକ ଯାତ୍ରୀବାହୀ ବସ୍ ଯୋଡ଼ାରୁ ବଡ଼ବିଲ ଅଭିମୁଖେ ଯାଉଥିବା ବେଳେ ବସ୍‌ଟି ରୋଇଡ଼ା ଛକ ଠାରୁ ରାସ୍ତାର ବାମ ପାଶ୍ୱର୍ରେ ନ ଯାଇ ଡାହାଣ ପଟ ରାସ୍ତା ଦେଇ ଅର୍ଥାତ୍ ରାଜପଥର ରଙ୍ଗ ରୁଟରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଲୁହାପଥର ବୋଝେଇ ଟ୍ରେଲର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ହେବା ପରେ ଉଭୟ ଟ୍ରେଲର ଓ ବସ୍ ରାସ୍ତା କଡ଼ରେ ଥିବା ଏକ ଟାୟାର ଦୋକାନ ପଟକୁ ମାଡ଼ିଯାଇଥିଲେ। ଦୁର୍ଘଟଣାରେ ବସ୍ ଡ୍ରାଇଭର ସମେତ ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ତୁରନ୍ତ ବଡ଼ବିଲ ମେଡ଼ିକାଲକୁ ନିଆଯାଇଛି। ଆହତଙ୍କ ମଧ୍ୟରୁ ୩ ଜଣ ଗୁରୁତର ଥିବା ଜଣାପଡିଛି। ଘଟଣା ସ୍ଥଳରେ ପୁଲିସ ଓ ପରିବହନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ବଡ଼ବିଲ ସହରକୁ ସକାଳ ୮ ଟା ଠାରୁ ଦିନ ଦୁଇଟା ପର୍ଯ୍ୟନ୍ତ ଭାରୀଯାନ ଗୁଡ଼ିକ ପାଇଁ ନୋ ଏଣ୍ଟ୍ରି ରହୁଥିବା କାରଣରୁ ଏନ୍‌ଏଚ୍ ୫୨୦ ଭାଦ୍ରାସାହି ଛକ ନିକଟରେ ଟ୍ରେଲର ଓ ଟ୍ରକ୍ ଗୁଡ଼ିକ ରାସ୍ତା କଡ଼ରେ ଘଣ୍ଟା ଘଣ୍ଟା ଛିଡ଼ା କରିଥାଆନ୍ତି। ଯାହାଫଳରେ ଜାମ୍ ଲାଗିଥାଏ। ତେଣୁ ବସ୍ କିମ୍ବା ଚାରିଚକିଆ ଯାନ ଗୁଡ଼ିକ ଅଧିକାଂଶ ସମୟରେ ରଙ୍ଗ୍ ରୁଟରେ ଯିବାକୁ ବାଧ ହୁଅନ୍ତି ଏବଂ ଅନେକ ସମୟରେ ଏହା ଦୁର୍ଘଟଣାର କାରଣ ହୋଇଥାଏ। ଆଞ୍ଚଳିକ ପରିବହନ ବିଭାଗର ଖାମଖିଆଲ ନୀତି ଯୋଗୁଁ ଏଭଳି ଦୁର୍ଘଟଣା ନିତିଦିନିଆ ହେବାକୁ ବସିଲାଣି।

## ତାଲୁକ ଆଇନ ସେବା ପକ୍ଷରୁ ସଚେତନତା





**ବଡ଼ବିଲ, ୧୬।୩(ସମିସ):** ବଡବିଲ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ତଫସିଲଭୂକ୍ତ ଜାତି ଏବଂ ତଫସିଲଭୁକ୍ତ ଉପଜାତିମାନଙ୍କର ସାମ୍ବିଧାନିକ ଅଧିକାର, ଆଇନଗତ ସୁରକ୍ଷା ତଥା ସମାନ ନାଗରିକତା ଅଧିକାର ବିଷୟରେ ଏହି ସଭାରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ମଲ୍ଲିକା ଗୋଏଙ୍କା (୧ମ ଅଦାଲତ) ଏବଂ ଶ୍ରେୟା ଶତପଥି (୨ୟ ଅଦାଲତ) ଏହି ସଚେତନା କାର୍ଯ୍ୟକ୍ରମରେ ତଫସିଲଭୁକ୍ତ ଜାତି ଏବଂ ଉପଜାତି ମାନଙ୍କର ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଆଇନ ବିଷୟରେ ବିଷଦ ଭାବେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବୀ ଗଗନ ବିହାରି ଉଟ୍ଟମିଶ୍ର, ବଳରାମ ମହାନ୍ତି, ଗାୟତ୍ରୀ କୁଅଁର ବାବୁ, ଦେବପ୍ରିୟ ରଣା, ପରମେଶ୍ୱର ଭୂକ୍ତା ପ୍ରମୁଖ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ବ୍ରିଜେଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଏମ୍‌ସି ଗନ୍ଧମାର୍ଦ୍ଦନର ସିଏସ୍‌ଆର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**କେନ୍ଦୁଝର,୧୬।୩(ସମିସ):** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଶୁଆକାଟି ଖେଳପଡିଆରେ ଓଡ଼ିଶା ଖଣି ନିଗମ ଆନୁକୂଲ୍ୟରେ ଚତୁର୍ଥ ସିଏସ୍‌ଆର୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ଶୁଆକାଟି ଅଞ୍ଚଳର ୩ଟି ଗ୍ରାମ ପଞ୍ଚାୟତର ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ୧୩ ତାରିଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ବାରିକ, ଶୁଆକାଟି ସରପଞ୍ଚ କୌତୁକ ନାଏକ, ତଳକଇଁସାରୀ ସରପଞ୍ଚ ସୁକାନ୍ତି ଦେହୁରୀ ଏବଂ କୁମୁଣ୍ଡି ସରପଞ୍ଚ ଶରତ ଦେହୁରୀ, ଯୁବ ସମାଜସେବୀ ମାନସ ରଞ୍ଜନ ବାରିକ, ଓଏମ୍‌ସିର ବରିଷ୍ଠ ପରିଚାଳକ (କାର୍ମିକ) ଲାଖାନ ହାଁସଦା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଫାଇନାଲ ମ୍ୟାଚ କ୍ରୀଷ୍ଣା ଏକାଦଶ ଓ ଜି-୪ଏସ୍ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କ୍ରୀଷ୍ଣା ଏକାଦଶ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜି-୪ଏସ୍ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ୱିକେଟ ବିନିମୟରେ ୧୧୦ ରନ କରିଥିଲେ। ଦ୍ୱିତୀୟ ବ୍ୟାଟିଂ କରି କ୍ରୀଷ୍ଣା ଏକାଦଶ ୧୦ ଓଭରରେ ୫ ୱିକେଟ ବିନିମୟରେ ୧୧୧ ରନ କରି ବିଜୟୀ ହୋଇଥିଲେ। ମ୍ୟାଚରେ ଶେଷ ବଲରେ ୧ ରନ କରି କ୍ରୀଷ୍ଣା ଏକାଦଶ ବିଜୟୀ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ରୌମ୍ୟରଞ୍ଜନ ମହାନ୍ତି, ମ୍ୟାନ ଅଫ୍ ଦି ସିରିଜ ରାଜେଶ ପହି, ବେଷ୍ଟ ବୋଲର ଈଶ୍ୱର ମହାନ୍ତ ପୁରସ୍କୃତ ହୋଇଥିଲେ। ଗିରିଶ ହୋତା, ଦିବ୍ୟରଞ୍ଜନ ରଣା, ଯଶୋବନ୍ତ ମହାପାତ୍ର ଅମ୍ପାୟାର ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ସ୍କୋର ଦାୟିତ୍ୱ ସତ୍ୟଜିତ୍ ଦାସ ଏବଂ ସୁଶାନ୍ତ ପାତ୍ର ସମ୍ପାଦନା କରିଥିଲେ। ଉଦ୍ୟାପନୀ ସମାରୋହରେ ଓଏମ୍‌ସି ଗନ୍ଧମାର୍ଦ୍ଦନ ଲୌହ ଖଣିର ଆଞ୍ଚଳିକ ପ୍ରବନ୍ଧକ ଅନୁରାଗ ଓଝା, ମାଇନ୍ସ ମ୍ୟାନେଜର ପ୍ରିୟରଞ୍ଜନ ରାଉତ, ବରିଷ୍ଠ ପରିଚାଳକ(କାର୍ମିକ) ଲାଖାନ ହାଁସଦା, ବରିଷ୍ଠ ପରିଚାଳକ ରତିକାନ୍ତ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସିଏସ୍‌ଆର୍ ପ୍ରଫେସନାଲ ମଳୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ, ଓଏମ୍‌ସିର କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପାଦିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ଓଏମ୍‌ସିର ସିଏସ୍‌ଆର କାର୍ଯ୍ୟର ଏକ ଅଂଶ ସ୍ୱରୂପ ଗତ ୪ବର୍ଷ ହେଲା ହୋଇଆସୁଛି।



## ଗ୍ରାମୀଣ ମେଧାବୃତ୍ତିରେ ଶିଶୁମନ୍ଦିରର ସଫଳତା



**ତୁରୁମୁଙ୍ଗା,୧୬।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨ଜଣ ଜଣ ନବମ ଶ୍ରେଣୀ ଛାତ୍ରୀ ଜାତୀୟ ଗ୍ରାମୀଣ ମେଧା ବୃତ୍ତି ପାଇଥିବାରୁ ଉଭୟଙ୍କୁ ଶନିବାର ବିଦ୍ୟାଳୟ ସଭାଗୃହରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉକ୍ତ ବିଦ୍ୟାଳୟ ସାଇସ୍ମିତା ମିଶ୍ର ଓ ଅଙ୍କିତା ପୃଷ୍ଟି ପାଟଣା ବ୍ଲକରେ ଏହି ବୃତ୍ତିରେ ଉଭୟ ୨ୟ ଓ ୫ମ ସ୍ଥାନ ଅଧିକାର କରିଛନ୍ତି। ଆୟୋଜିତ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଡା. ଜଗଦୀଶ ଚନ୍ଦ୍ର ମହାନ୍ତ ଯୋଗ ଦେଇ ସଫଳ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଛାତ୍ରୀଙ୍କ ଅଭିଭାବକ ପଲ୍ଲବୀ ମିଶ୍ର, ଅଭୟ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ସଭା ଆରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।

## ପ୍ରକଳ୍ପ ପ୍ରଶାସକଙ୍କ ଦ୍ୱାରା ଓଟିଇ ଏଲ୍‌ପି କ୍ଷେତ୍ର ପରିଦର୍ଶନ

**ତେଲକୋଇ,୧୬।୩(ସମିସ)**



ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକାନିର୍ବାହ କାର୍ଯ୍ୟକ୍ରମ ପ୍ଲସ୍ କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକର ୨୦ଗ୍ରାମ ପଞ୍ଚାୟତର ୮୩ଟି ଗ୍ରାମରେ ୨୦୧୯ରୁ କାର୍ଯ୍ୟ କରି ଆସୁଛି। ଲୋକମାନଙ୍କର ବ୍ୟକ୍ତିଗତ ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷିର ବିକାଶ ସହ ଜଳ ଓ ଜମିର ସଠିକ୍ ପରିଚାଳନା କରି ଲୋକଙ୍କର ଆର୍ଥିକ ବିକାଶକୁ ବୃଦ୍ଧି କରିବା ପାଇଁ ତାର ପ୍ରୟାସ ଜାରି ରଖିଛି। କୀର୍ତ୍ତି, ଓସ୍କା ଓ ଜିଡିଏସ୍ ଭଳି କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଉଦ୍ୟମରେ ପ୍ରତି ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ସଂଘ ଗଠନ କରି ସଂଘର ନିଷ୍ପତିରେ ହିତାଧିକାରୀ ଚୟନ କରିବା ହିତାଧିକାରୀଙ୍କୁ ପ୍ରତ୍ୟେକ୍ଷ ସହାୟତା ପ୍ରଦାନ କରାଯାଇଛି। ୨୦୨୩-୨୪ରେ ସଘନ ପ୍ରଣାଳୀରେ ତରଭୁଜ, ଆଳୁ, ବୋଇତାଳୁ ଓ ମକା ଆଦି ଚାଷ କରି ଚାଷୀମାନେ ଲକ୍ଷ ଲକ୍ଷ ଟଙ୍କା ଆୟ କରୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ, ଧାନ ହଲର, ଟେଣ୍ଟ ହାଉସ ଆଦି ସେମାନଙ୍କର ଆର୍ଥିକ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଇଛି। ପ୍ରକାଶ ଯେ ଉକ୍ତ କାର୍ଯ୍ୟ ଆଦିବାସୀ ସମନ୍ୱିତ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ତପନ କୁମାର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ବେଳେ ସେ ନିଜେ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିବା ସହିତ ଚାଷୀମାନଙ୍କର ବ୍ୟକ୍ତିଗତ ବିକାଶ ପ୍ରତି ଦୃଷ୍ଟି ଦେଇଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସାମୂହିକ କାର୍ଯ୍ୟକୁ ପ୍ରଶଂସା କରିବା ସହ କାର୍ଯ୍ୟରେ ସହାୟତା ପ୍ରଦାନ କରୁଥିବା ଭିଡିସିର ସଭାପତି, ସମ୍ପାଦକ ଓ ସିଏସ୍‌ପିକୁ ଧନ୍ୟବାଦ ଦେଇଛନ୍ତି। ପ୍ରକଳ୍ପ ଅଧିକାରୀ ଚଳିତ ମାସରେ କ୍ରମାନ୍ୱୟରେ ବେତଖଲି, ସିରିଆବାହଳ, ପିଟାନାଳି ଆଦି ଗ୍ରାମ ପରିଦର୍ଶନ କରି ସରକାରଙ୍କ ଦ୍ୱାରା ଦିଆଯାଇଥିବା ସହଯୋଗକୁ କିପରି ବ୍ୟବହାର କରୁଛନ୍ତି ଦେଖିଥିଲେ। ଲୋକମାନଙ୍କର ବିକାଶ ଓ ସହଯୋଗୀ କର୍ମୀମାନଙ୍କର ସହଯୋଗକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ କିପରି ଏହି ଧାରା ବଜାୟ ରହିବ ଓଟିଇ ଏଲପିର କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଓଟିଇ ଏଲପି ପ୍ଲସର ଉକ୍ତ କାର୍ଯ୍ୟକୁ ତେଲକୋଇର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିବା ସହ ୨୦ଟି ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମରେ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ।

## ଆନନ୍ଦପୁର ପ୍ରେସ୍ ଫୋରମ କର୍ମକର୍ତ୍ତାଙ୍କ ବୈଠକ

**ଆନନ୍ଦପୁର,୧୬।୩(ସମିସ):** ଆନନ୍ଦପୁର ବ୍ଲକର କଣ୍ଟିପାଳ ଠାରେ ଆନନ୍ଦପୁର ପ୍ରେସ୍ ଫୋରମର ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୋନ୍ ପ୍ରମୁଖ ଲକ୍ଷ୍ମଣ କୁମାର ବେହେରାଙ୍କ ସଭାପତିତ୍ୱରେ ପ୍ରେସ୍ ଫୋରମର ସଭାପତି ଓ ସମ୍ପାଦକଙ୍କ ସମେତ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ଅବ୍ୟବହୃତ ପୂର୍ବରୁ ଫୋରମ ଗଣମାଧ୍ୟମର ଆଭିମୁଖ୍ୟ ସହିତ ୬ଟି ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ପଞ୍ଚାୟତ ଗୁଡିକରେ ରହିଯାଇଥିବା ସମସ୍ୟାକୁ ପ୍ରଶାସନ ନିକଟରେ ପହଞ୍ଚାଇବା ଫୋରମର ସଭାପତି ଉମେଶ ପାଢ଼ୀ ମତ ରଖିଥିବା ବେଳେ ୬ଟି ପଞ୍ଚାୟତରେ ୱାର୍ଡ କମିଟି ଗଠନ କରିବା ସହ ଆସନ୍ତା ମେ' ମାସରେ ଫୋରମ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର କରିବାକୁ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଭୟ ସାମଲ, କୃତିଦୀପ୍ତି ଦାସ, ମନୋଜ ସାହୁ, ବିପିନ ବେଣ୍ଟକାର, ମହେନ୍ଦ୍ର କୁମାର ସାହୁ, ଗୋପୀନାଥ ସେଠି ଏବଂ ୱାର୍ଡ ସଦସ୍ୟମାନେ ଯୋଗ ଦେଇଥିବା ବେଳେ ବିନୋଦ ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



